POSTAL REGISTRATION NO.- PURI/45/2025-27

RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA



Visit our website: sssoochanaenewspaper.in

/shreeshrikshetrasoochana /ssoochana +91 94370 58632

| | | | | | |
|---|---|---|---|---|---|
| ❖ VOLL : 5 | ❖ ISSUE : 3 | ❖ MARCH : 2026 | ❖ PURI | ❖ PAGE : 8 | ❖ RS.10 |
| ❖ ପଞ୍ଚମ ବର୍ଷ | ❖ ତୃତୀୟ ସଂଖ୍ୟା | ❖ ମାର୍ଚ୍ଚ ୨୦୨୬ | ❖ ପୁରୀ | ❖ ପୃଷ୍ଠା : ୮ | ❖ ମୂଲ୍ୟ:ଟ୧୦.୦୦ |

## ସଂପାଦକୀୟ

### "ଆମେ ଓଡ଼ିଆ - ଐତିହ୍ୟର ଗର୍ବ, ଆଗାମୀର ଦାୟିତ୍ୱ"



ପ୍ରତିବର୍ଷ ଏପ୍ରିଲ ୧ ତାରିଖ ଆସିଲେ, ଓଡ଼ିଶାର ପ୍ରତ୍ୟେକ ମନ, ପ୍ରତ୍ୟେକ ଘର, ପ୍ରତ୍ୟେକ ରାସ୍ତାରେ ଏକ ଅଲଗା ଉତ୍ସାହ ଦେଖାଯାଏ। ଏହି ଦିନଟି କେବଳ ଏକ ରାଜ୍ୟ ଗଠନ ଦିବସ ନୁହେଁ, ଏହା ଓଡ଼ିଆ ଅସ୍ତିତ୍ୱର ଗର୍ବ, ସଂସ୍କୃତିର ସ୍ୱାଭିମାନ ଓ ଐତିହ୍ୟର ଏକ ଉଜ୍ଜ୍ୱଳ ପରିଚୟ। ଉତ୍କଳ ଦିବସ ଆମକୁ ସ୍ମରଣ କରାଏ ଯେ, ଏହି ମାଟିର ପ୍ରତ୍ୟେକ କଣିକାରେ ରହିଛି ସଂଘର୍ଷ, ତ୍ୟାଗ, ଓ ଗର୍ବର ଏକ ଅମୂଲ୍ୟ ଗାଥା।

୧୯୩୬ ମସିହାରେ ଭାଷା ଆଧାରିତ ରାଜ୍ୟ ଭାବେ ଓଡ଼ିଶାର ଗଠନ ଭାରତର ଇତିହାସରେ ଏକ ମାଇଲଷ୍ଟୋନ ଥିଲା। ଏହା କେବଳ ଭୂଗୋଳିକ ସୀମା ନୁହେଁ, ଏହା ଥିଲା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଏକ ନୂତନ ପରିଚୟ। ଏହି ସଂଘର୍ଷରେ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ, ଫକୀରମୋହନ ସେନାପତି ଭଳି ଅନେକ ମହାନ ବ୍ୟକ୍ତିତ୍ୱଙ୍କର ଅସାଧାରଣ ଅବଦାନ ରହିଛି।

ଓଡ଼ିଆ ଭାବେ ଆମର ଗର୍ବ କେବଳ ଆମର ଇତିହାସରେ ନୁହେଁ, ଆମର ସଂସ୍କୃତିରେ ମଧ୍ୟ ଗାଢ଼ ଭାବେ ରହିଛି। ଶ୍ରୀ ଜଗନ୍ନାଥ ସଂସ୍କୃତି, ରଥଯାତ୍ରା, ପଟଚିତ୍ର, ଓଡ଼ିଶୀ ନୃତ୍ୟ, ମହାପ୍ରସାଦ, ଏବଂ ଆମର ପର୍ବପର୍ବାଣୀ-ଏସବୁ ଆମର ପରିଚୟକୁ ବିଶ୍ୱ ମଞ୍ଚରେ ଉଜ୍ଜ୍ୱଳ କରିଛି। ଏହା ଆମକୁ କେବଳ ଗର୍ବିତ କରେ ନୁହେଁ, ଆମକୁ ଆମର ମୂଳ ସହିତ ଜଡ଼ି ରଖେ।

କିନ୍ତୁ ପ୍ରଶ୍ନ ହେଉଛି-ଆମେ ଆଜି ସେହି ଗର୍ବକୁ କେତେ ରକ୍ଷା କରୁଛୁ? ଆଧୁନିକତାର ଏହି ଦୌଡ଼ରେ ଆମେ କେବେ କେବେ ଆମର ଭାଷାକୁ ଅବହେଳା କରୁଛୁ। ଇଂରାଜୀ ଓ ହିନ୍ଦୀର ପ୍ରଭାବରେ ଅନେକ ଯୁବ ପିଢି ଓଡ଼ିଆ ଭାଷାରୁ ଦୂରେଇ ଯାଉଛନ୍ତି। ଏହା ଏକ ଚିନ୍ତାର ବିଷୟ।

ଓଡ଼ିଆ ଭାଷା କେବଳ ଏକ ଭାଷା ନୁହେଁ, ଏହା ଆମର ଆତ୍ମା। ଏହାରେ ରହିଛି ଆମର ଭାବନା, ଆମର ଇତିହାସ, ଆମର ଚେତନା। ଯଦି ଆମେ ଏହାକୁ ଅବହେଳା କରିବା, ତେବେ ଆମର ଅସ୍ତିତ୍ୱକୁ ମଧ୍ୟ ହାରାଇବାର ସମ୍ଭାବନା ରହିଛି।

ଆମକୁ ଆମର ଭାଷାକୁ ଗର୍ବର ସହିତ ବ୍ୟବହାର କରିବାକୁ ହେବ-ଘରେ, ପାଠଶାଳାରେ, କାର୍ଯ୍ୟାଳୟରେ ଓ ସମାଜରେ। ଓଡ଼ିଆ ସାହିତ୍ୟକୁ ପଢିବା, ଓଡ଼ିଆ ସଂସ୍କୃତିକୁ ଅନୁସରଣ କରିବା, ଓଡ଼ିଆ ପରମ୍ପରାକୁ ପ୍ରଚାର କରିବା ଏହା ଆମର ଦାୟିତ୍ୱ।

ଉତ୍କଳ ଦିବସ ଆମକୁ ଏକ ଅବସର ଦେଉଛି ଆମର ଗତକାଳକୁ ସ୍ମରଣ କରିବା ପାଇଁ, ବର୍ତ୍ତମାନକୁ ମୂଲ୍ୟାଙ୍କନ କରିବା ପାଇଁ, ଏବଂ ଭବିଷ୍ୟତକୁ ଗଢିବା ପାଇଁ। ଆମକୁ ଆମର ପୂର୍ବଜଙ୍କର ସଂଘର୍ଷକୁ ମନେ ପକାଇ ଆଗକୁ ବଢ଼ିବାକୁ ହେବ।

ଆଜିର ଦିନରେ ଆମେ ଯଦି ଏକ ପ୍ରତିଜ୍ଞା ନେବା— ଯେ ଆମେ ଓଡ଼ିଆ ଭାଷାକୁ ସମ୍ମାନ କରିବା, ଆମର ସଂସ୍କୃତିକୁ ସୁରକ୍ଷିତ ରଖିବା, ଏବଂ ଆମର ରାଜ୍ୟକୁ ଉନ୍ନତିର ଶିଖରକୁ ନେବା— ତେବେ ସେହିଥିବା ହେବ ଉତ୍କଳ ଦିବସର ସତ୍ୟ ସାର୍ଥକତା।

ଆମେ ଓଡ଼ିଆ— ଏହା କେବଳ ଏକ ପରିଚୟ ନୁହେଁ, ଏହା ଏକ ଗର୍ବ, ଏକ ଦାୟିତ୍ୱ, ଏବଂ ଏକ ଅଙ୍ଗୀକାର। ଆସନ୍ତୁ, ଏହି ଉତ୍କଳ ଦିବସରେ ଆମେ ସମସ୍ତେ ମିଶି ଏହି ଗର୍ବକୁ ଅନୁଭବ କରିବା ଓ ଏହାକୁ ଆଗକୁ ବଢାଇବା।

ଜୟ ଜଗନ୍ନାଥ। ଜୟ ଉତ୍କଳ।

ଜୟ ଓଡ଼ିଆ ମାଟି।

ରାଜେଶ କୁମାର ମହାନ୍ତି

## ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ ପୁରୀରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ରାଜ୍ୟସ୍ତରୀୟ ବିତର୍କ

# 'ଗଣତନ୍ତ୍ରରେ ଗଣମାଧ୍ୟମର ସ୍ୱାଧୀନତା ନାହିଁ'




ପୁରୀ: ଯେଉଁ ଗଣତନ୍ତ୍ର ରେ ଗଣମାଧ୍ୟମ ଜନହିତ ଓ ରାଜହିତ ମଧ୍ୟରେ ସମନ୍ୱୟ ରକ୍ଷା କରେ, ସେଠାରେ ଦେଶ ସମୃଦ୍ଧ ହୁଏ, ହେଲେ ଯେଉଁ ଗଣତନ୍ତ୍ର ରେ ଗଣମାଧ୍ୟମ ର ସ୍ୱାଧିନତା ନାହିଁ, ସେଠାରେ ବିକଶିତ ଭାରତ ଏକ ସ୍ୱପ୍ନ ବୋଲି କହିଛନ୍ତି ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ। ପୁରୀ କ୍ଲବ୍ ସମ୍ମିଳନୀ କକ୍ଷରେ,ଶ୍ରୀଶ୍ରୀ କ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ 'ଜନହିତ ନା' ରାଜନୈତିକ ହିତରେ ଆଜିର ସମ୍ବାଦପତ୍ର' ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳାକୁ ଉଦଘାଟନ କରି, ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ କହିଥିଲେ ଯେ ଆଜି ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସରେ ଭାରତବର୍ଷ ଏବେ ବିଶ୍ୱର ୫୨ତମ ସ୍ଥାନକୁ ଖସିଆସିଛି। ଜନହିତ ଓ ଦେଶହିତ ପାଇଁ ସୃଷ୍ଟି ହୋଇଥିବା ଗଣମାଧ୍ୟମ,ଆଉ ଜନଗଣଙ୍କ ବିଶ୍ୱାସ ଭିତରେ ରହିନାହିଁ। ସତ୍ୟ ସମ୍ବାଦ ପରିବେଷଣ କରି ୧୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଗିରଫ ଘଟଣା ଆଜି ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି କୁ ସ୍ମରଣ କରାଉଛି। ଯେଉଁଠି ରାଜନେତା ଓ ଗଣମାଧ୍ୟମ ର ମାଲିକ,ସତ୍ୟ ର କଣ୍ଠରୋଧ କରୁଛନ୍ତି, ସେଠାରେ ଜନହିତ ଆସିବ କେଉଁଠାରୁ। ଯଦି ଦେଶହିତ ପାଇଁ ଉଦ୍ଦିଷ୍ଟ ଗଣମାଧ୍ୟମ ଶିଳ୍ପ ରେ ପରିଣତ ହୋଇ , ଲାଭଦାୟକ ନିୟୁଜ୍ କୁ ନିଜର ପ୍ରଡକ୍ଟ ଭାବେ, ସେଠାରେ ସମୃଦ୍ଧ ଭାରତ ର ସ୍ଥାନ କାହିଁ। ଅନୁଷ୍ଠାନ ତଥା ସମ୍ବାଦପତ୍ରର ସଂପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି

- ଜୀବନବ୍ୟାପୀ ସାଧନା ପାଇଁ ନିର୍ଭୟ ସଂପାଦକ ନବୀନ ଦାସ ସମ୍ମାନିତ
- ମିଡ଼ିଆ ଆଜି ଏକ ଶିଳ୍ପ: ସମ୍ବାଦ ଏକ ଲାଭଜନକ ପ୍ରଡକ୍ଟ
- ଗଣମାଧ୍ୟମ ଜନହିତ ରେ ଉପଯୋଗ ହେଉ

ବିତର୍କ ରେ ଭାଗ ନେଇ,ବିଜେଡି ର ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର କହିଥିଲେ ଯେ କେବଳ ଦେଶ ନୁହେଁ, ବିଭିନ୍ନ ରାଜ୍ୟରେ ବିଗତ ଅନେକ ବର୍ଷ ଧରି ବିଭିନ୍ନ ସରକାରୀ ଦଳ, ଗଣମାଧ୍ୟମ କୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି, ଯଦ୍ୱାରା ବିଶ୍ୱରେ ମିଡ଼ିଆର ସ୍ୱଛତାରେ ଭାରତର ସ୍ଥାନ ୧୬୧ରେ ରହିଛି। ବିତର୍କରେ ଯୋଗଦେଇ ବିଜେପି ର ବରିଷ୍ଠ ନେତା ସଜ୍ଜନ ଶର୍ମା କହିଥିଲେ ଯେ ଆଜିର ଗଣମାଧ୍ୟମ ଜନଗଣଙ୍କ ଘର ଭାଙ୍ଗୁଛି, ବିଜ୍ଞାପନ ପାଇଁ ସତ୍ୟ ସମ୍ବାଦ ରୁ ଦୂରେଇ ଯାଇଛି ଏପରିକି ଗଣମାଧ୍ୟମ ର ନିରବତା ଭିତରେ ଜଣେ ଶିକ୍ଷକ ଏବେ କର୍ମଚାରୀ ପାଲଟିଯାଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ କିଟ୍ ସ୍କୁଲ ଅଫ୍ ମାସ୍ କମ୍ୟୁନିକେସନ ର ଡିନ୍ ଡକ୍ଟର ରାଜୀବ କୁମାର ପଣ୍ଡା କହିଥିଲେ ଯେ ଶୃଙ୍ଖଳିତ ସମାଜ ଓ ବିକଶିତ ଭାରତବର୍ଷ ପାଇଁ ଗଣମାଧ୍ୟମ ରାଜହିତ ସହ ଜନହିତ ପାଇଁ ସମର୍ପିତ ହେବା ଆଜି ର ଆବଶ୍ୟକତା।ଶିକ୍ଷାବିତ୍ ଡକ୍ଟର କୈଳାଶ ଚନ୍ଦ୍ର ଟିକାୟତରାୟ କହିଥିଲେ ଯେ ଏହି ଜନହିତ ଓ ରାଜହିତ ଉଭୟେ ପରିପୂରକ, ହେଲେ ଆଜିର ଶୀର୍ଷକ ସୂଚାଇ ଦେଇଛି ଯେ ଉଭୟଙ୍କ ଭିତରେ ଆଉ ସମ ବିଚାର ନାହିଁ। ବିତର୍କ ରେ ଭାଗ ନେଇ ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ କହିଥିଲେ ଯେ ଆଜି ଅନୁସନ୍ଧାନ ମୂଳକ ସମ୍ବାଦ ନାହିଁ। ଏଣୁ ଏକ ସମୃଦ୍ଧ ଭାରତବର୍ଷ ପାଇଁ ଗଣମାଧ୍ୟମ ଜନହିତ ପାଇଁ ସମର୍ପିତ ହେବା ଉଚିତ।ଏହି କର୍ମଶାଳାରେ ମତବ୍ୟକ୍ତ କରି ବରିଷ୍ଠ ସ୍ତମ୍ଭକାର ଡକ୍ଟର ବଦ୍ରି ମିଶ୍ର କହିଥିଲେ ଯେ ଲାଭଜନକ ବ୍ୟବସାୟ ପାଇଁ ଗଣମାଧ୍ୟମ ଆଜି ଅପରାଧ କାହାଣୀ, ଅରୁଚିକର ବିଜ୍ଞାପନ ଓ ସିରିଏଲ୍,ପ୍ରେମ କାହାଣୀ, ସାଇବର ଠକେଇ ର କାହାଣୀ ଭିତରେ ସମାଜକୁ ପଥଭ୍ରଷ୍ଟ କରୁଛି ଓ ମାଲିକ ର ବିଚାରଧାରା କୁ ନିଃସର୍ତ୍ତ ସହଯୋଗ ଦେଇ, ଗଣମାଧ୍ୟମ, ଗଣତନ୍ତ୍ର କୁ ବିପଦ ମୁହାଁ କରୁଛି। ତେବେ ଏକ ଶୃଙ୍ଖଳିତ ସମାଜ ପାଇଁ ସାମ୍ବାଦିକର ନିଷ୍ଠାପରତା ଓ କାର୍ଯ୍ୟଦକ୍ଷତା ଅବର୍ଣ୍ଣନୀୟ। ଏହି କାର୍ଯ୍ୟକ୍ରମରେ ଭାଗନେଇ ସିନେ କଳାକାର କେଦାର ମିଶ୍ର କହିଥିଲେ ଯେ ଗଣମାଧ୍ୟମ ପୃଷ୍ଠା→୬

## ସରିଲା ବିଧାନସଭା ବଜେଟ୍ ଅଧିବେଶନ

ଭୁବନେଶ୍ୱର: ବିଧାନସଭାର ବଜେଟ୍ ଅଧିବେଶନ ଶେଷ ହୋଇଛି। ଏପ୍ରିଲ୍ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନର ଆଉ ପାଞ୍ଚଟି କାର୍ଯ୍ୟଦିବସ ବାକି ଥିଲା। ଫେବୃଆରି ୧୭ରୁ ବଜେଟ୍ ଅଧିବେଶନ ଆରମ୍ଭ ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ମୋଟ୍ ୨୨ ଦିନ ଗୃହ ଚାଲିଥିଲା। ଫେବୃଆରି ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଥିଲେ। ବ୍ୟୟମଞ୍ଜୁରି ବିଲ୍ ପାରିତ ହେବା ପରେ ରାତି ୧୨ଟା ୪୧ରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିଥିଲେ।

## ଓଡ଼ିଆ ଜାତିକୁ ଆଉ କେହି ଅଟକାଇ ପାରିବେ ନାହିଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶା ପଦାର୍ପଣ କରିଛି ୯୧ ବର୍ଷରେ। ଓଡ଼ିଶା ଦିବସ ରାଜ୍ୟସ୍ତରୀୟ ଉତ୍ସବ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ସୁଆଣ୍ଡୋ ଗ୍ରାମରେ ଅନୁଷ୍ଠିତ ହୋଇଛି। ଗତ ବର୍ଷ ଏହା ଅନୁଷ୍ଠିତ ହୋଇଥିଲା ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମପୀଠରେ। ଓଡିଶାର ଜନସାଧାରଣ ତଥା ଯୁବପିଢିଙ୍କୁ ବରପୁତ୍ର ମାନଙ୍କ ସ୍ମୃତି ସହିତ ଯୋଡି ରଖିବାକୁ ଏବଂ ସେମାନଙ୍କ ତ୍ୟାଗ ଓ ବଳିଦାନରେ ଅନୁପ୍ରେରିତ ହେବା ପାଇଁ ଏହି କାର୍ଯ୍ୟକ୍ରମକୁ ବରପୁତ୍ର ମାନଙ୍କ ଜନ୍ମସ୍ଥାନରେ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସୁଆଣ୍ଡୋରେ ରାଜ୍ୟସ୍ତରୀୟ ଓଡିଶା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

**ଉତ୍କଳମଣିଙ୍କ ଜନ୍ମପୀଠରେ ପାଳିତ ହେଲା ଓଡ଼ିଶା ଦିବସ**

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଥମେ ସୁଆଣ୍ଡୋରେ ପହଞ୍ଚି ଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ ଓ ଉତ୍କଳମଣିଙ୍କ କୂଳ ଦେବତା ପ୍ରଭୁ ଶ୍ରୀ ରାଧା ବିନୋଦବିହାରୀଙ୍କୁ ଦର୍ଶନ କରିଥିଲେ। ଗୋପବନ୍ଧୁ ପାର୍କ ଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି, ଗୋପବନ୍ଧୁ ସଂଗ୍ରହାଳୟ ପୃଷ୍ଠା→୬



## ପୁରୀର ଅନନ୍ୟ ପରମ୍ପରା 'ସାହି ଯାତ୍ରା'

# ଶ୍ରୀଜଗନ୍ନାଥ ସଂସ୍କୃତିର ଜୀବନ୍ତ ଅଭିବ୍ୟକ୍ତି







ପୁରୀ: ଶ୍ରୀକ୍ଷେତ୍ର ପୁରୀ କେବଳ ଏକ ପବିତ୍ର ଧାମ ନୁହେଁ, ଏହା ହେଉଛି ଅସଙ୍ଖ୍ୟ ପୁରାତନ ପରମ୍ପରା, ନୀତି ଓ ସାଂସ୍କୃତିକ ଉତ୍ସବର ଜୀବନ୍ତ କେନ୍ଦ୍ରବିନ୍ଦୁ। ଶ୍ରୀ ଜଗନ୍ନାଥ ମନ୍ଦିର ସହ ସଂପୃକ୍ତ ଅନେକ ଆଚାର-ବିଚାର ଓ ଲୋକପରମ୍ପରା ଆଜିପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି। ସେହିପରି ଏକ ଅତ୍ୟନ୍ତ ଆକର୍ଷଣୀୟ ଓ ଐତିହ୍ୟବାହୀ ପରମ୍ପରା ହେଉଛି 'ସାହି ଯାତ୍ରା', ଯାହା ପୁରୀର ଗଳିଗୁଡ଼ିକୁ ଉତ୍ସବମୁଖର କରି ଦେଇଥାଏ।

ରାମନବମୀ ଅବସରରୁ ଆରମ୍ଭ ହୋଇ ବୈଶାଖ ମାସ ପର୍ଯ୍ୟନ୍ତ ଚାଲୁଥିବା ଏହି ସାହି ଯାତ୍ରା, ଶ୍ରୀଜଗନ୍ନାଥ ସଂସ୍କୃତି ସହ ଗାଢ଼ ଭାବେ ଜଡିତ। ପୁରୀର ବିଭିନ୍ନ ସାହିର ଯୁବକମାନେ ଏଥିରେ ସାମିଲ ହୋଇ ପୌରାଣିକ ଚରିତ୍ରରେ ଅଭିନୟ କରିଥାନ୍ତି, ଯାହା ଦେଖିବାକୁ ଦେଶ-ବିଦେଶର ଭକ୍ତ ଓ ପର୍ଯ୍ୟଟକମାନେ ଆସନ୍ତି। ପୃଷ୍ଠା→୬

### ପରମ୍ପରା ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ

ଏହି ପୁରାତନ ପରମ୍ପରାକୁ ରକ୍ଷା କରିବା ପାଇଁ ସରକାର, ସାହି କମିଟି ଓ ସ୍ଥାନୀୟ ଲୋକମାନଙ୍କ ଏକତ୍ର ପ୍ରୟାସ ଆବଶ୍ୟକ। ଯୁବ ପିଢ଼ୀକୁ ଏଥିରେ ସାମିଲ କରିବା, ପ୍ରଶିକ୍ଷଣ ଦେବା ଓ ଆର୍ଥିକ ସହାୟତା ଯୋଗାଇବା ଅତ୍ୟନ୍ତ ଦରକାର। ସେହି ସହିତ ସାହି ଯାତ୍ରାକୁ ଏକ ଆଧୁନିକ ରୂପ ଦେଇ, ତାହାର ମୂଳ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ଉପରେ ମଧ୍ୟ ଜୋର ଦେବା ଆବଶ୍ୟକ। ପୁରୀର ସାହି ଯାତ୍ରା ହେଉଛି ଓଡ଼ିଶାର ସାଂସ୍କୃତିକ ଗୌରବର ଏକ ଜୀବନ୍ତ ପ୍ରତୀକ। ଏହା କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଆମ ଐତିହ୍ୟ, ଆମ ପରମ୍ପରା ଓ ଆମ ଅସ୍ତିତ୍ୱର ପ୍ରତିଛବି। ଯଦି ସରକାର ଓ ସମାଜ ଏକତ୍ର ହୋଇ ଏହାକୁ ପ୍ରଚାର କରନ୍ତି, ତେବେ ସାହି ଯାତ୍ରା ନିଶ୍ଚୟ ଭାବେ ବିଶ୍ୱ ମଞ୍ଚରେ ଏକ ବିଶେଷ ସ୍ଥାନ ଅଧିକାର କରିପାରିବ ଓ ପୁରୀର ଗୌରବକୁ ଆହୁରି ବଢ଼ାଇବ।



# ରାଷ୍ଟ୍ରସେବା ଟ୍ରଷ୍ଟର 'ପଖାଳ ପଙ୍ଗତ'





ପୁରୀ: ଓଡ଼ିଆଙ୍କ ଜୀବନର ଅଭିନ୍ନ ଅଙ୍ଗ ହେଉଛି ପଖାଳ। ଏହା କେତେ ଉପକାରୀ କାହାକୁ ଅଛପା ନାହିଁ। କିନ୍ତୁ ଆମେ ଆମ ସଂସ୍କୃତିକୁ ବିସ୍ମୃତ କରିଚାଲିଛୁ। ଆମ ମହନୀୟ ପ୍ରପଞ୍ଚନା ଶୂନ୍ୟ ସଂସ୍କୃତିକୁ ମନେ ପକେଇବା ଉଦ୍ଦେଶ୍ୟରେ ରାଷ୍ଟ୍ର ସେବା ଟ୍ରଷ୍ଟ ପକ୍ଷରୁ ହୋଟେଲ ଏମ୍ପାୟାରରେ ନିଆରା ଢଙ୍ଗରେ ପାଳିତ ହୋଇଛି ପଖାଳ ଦିବସ। ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପଖାଳ ପଙ୍ଗତରେ ଯୋଡ଼ି ହେବାର ଅବକାଶ ଆଣିଦେଇଥିଲା ଅନୁଷ୍ଠାନ।

ମାଟି ସରାରେ ଦହି ପଖାଳ ସାଙ୍ଗକୁ ଶାଗ ଭଜା, ବଡ଼ି ଚୂରା, ପଣସ କଠା, ଆଳୁ ଓ ବାଇଗଣ ଭର୍ତ୍ତା, ଟମାଟୋ ଚଟଣୀ, ବାଇଗଣ ଭଜା, ଆମ୍ବ ଚଟଣୀ, ବରକୋଳି ଖଟା, ମାଣ୍ଡିଆ ମଣ୍ଡା, ଆରିସା, ମାଛ ବେସର ଭଜା, ଚିଙ୍ଗୁଡ଼ି ଛେଚାରେ ଆପ୍ୟାୟିତ ହୋଇଥିଲେ ଅତିଥିବୃନ୍ଦ। ଟ୍ରଷ୍ଟର ଅଧ୍ୟକ୍ଷା ରଞ୍ଜିତା ପାଢ଼ୀଙ୍କ ଦ୍ୱାରା ଆୟୋଜିତ ଏହି ପଖାଳ ପଙ୍ଗତ ସଭାରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ଡ.ଦେବେନ୍ଦ୍ର ତରେଇ, ଦିଗଦର୍ଶନ ପଟ୍ଟନାୟକ, ଶ୍ରୀ ମନ୍ଦିର ପରିଚାଳନା କମିଟି ର ସଦସ୍ୟ ମଧୁସୂଦନ ସିଂହାରୀ, ମନୋଜ ରଥ, ରବି ଦାଶ, ସରୋଜ ବେହେରା, ହେକ୍ଟର ମିଶ୍ର, ରାଜକିଶୋର ସାହୁ, ରାଜେଶ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ରାଜକିଶୋର ସାହୁ, ଶ୍ୟାମ ମହାପାତ୍ର, ବିଷ୍ଣୁ ଦତ୍ତ ଦାସ, ରାଜୁ ଝୁନଝୁନୱାଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉତ୍ସାହିତ କରିଥିଲେ। ବରିଷ୍ଠ ନାଗରିକ ଫୋରମ, ଆଇନଜୀବୀ, ଭାରତ ବିକାଶ ପରିଷଦ, ବିଦ୍ୟାର୍ଥୀ ପରିଷଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଟ୍ରଷ୍ଟର ସମ୍ପାଦକ ରାଜେଶ ଦେବତା ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଜିଲ୍ଲା ପ୍ରଶାସନ ତରଫରୁ ପଖାଳ ଦିବସ ପାଳିତ

ପୁରୀ: ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗରେ ପାନ୍ଥନିବାସରେ ପୁରୀ ଜିଲ୍ଲା ସ୍ତରୀୟ ବିଶ୍ୱ ପଖାଳ ଦିବସ ପାଳିତ ହୋଇଥିଲା। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ମନ୍ତ୍ରୀ ମଣ୍ଡଳ ର ଅନ୍ୟାନ୍ୟ ସଦସ୍ୟ, ବିଧାୟକ ପ୍ରମୁଖ ପଖାଳ ଦିବସର ତାତ୍ପର୍ଯ୍ୟ ଓ ଓଡ଼ିଆ ଅସ୍ମିତା ସହ ପଖାଳର ସମ୍ପର୍କ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିଦେଶର ଏକାଧିକ ରାଷ୍ଟ୍ର ସହ ଦେଶର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ଏହି ଦିବସ ସହ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ସଂଯୁକ୍ତ ହୋଇ ଶୁଭେଚ୍ଛା ଜଣାଇଥିଲେ। ପୁରୀ ପାନ୍ଥନିବାସରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଆଭାସୀ ମାଧ୍ୟମରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପଖାଳ ଆମ ପରମ୍ପରା ଓ ସଂସ୍କୃତି ସହ ଜଡିତ। ଏହା ସମସ୍ତ ବର୍ଗଙ୍କ ପାଇଁ ଏକ ସୁଖାଦ୍ୟ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିବା ସହ ପଖାଳ ମଧ୍ୟ ଖାଇଥିଲେ। ଅନ୍ୟମାନଙ୍କ ମଧ୍ୟ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଉପ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଏହି ଅବସରରେ ପାନ୍ଥନିବାସର ପର୍ଯ୍ୟଟକ ମାନେ ମଧ୍ୟ ପଖାଳ ଖାଇ ଖୁସି ବ୍ୟକ୍ତ କରିଥିଲେ। ପୁରୀର ବିଭିନ୍ନ ସ୍ଥାନରେ ମଧ୍ୟ ବିବିଧ ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଥିଲା।



### ପୁରୀ ବାର୍ ଆସୋସିଏସନ୍ ନିର୍ବାଚନ

# ପ୍ରେମାନନ୍ଦ ମହାନ୍ତି ସଭାପତି, ଶରତ ରାୟଗୁରୁ ସମ୍ପାଦକ

ପୁରୀ: ପୁରୀ ବାରଆସୋସିଏସନ୍ ନିର୍ବାଚନ ହୋଇ ଫଳାଫଳ ପ୍ରକାଶ ପାଇଛି। ଲଗାତର ଦୁଇ ଥର ପାଇଁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ଶରତ କୁମାର ରାୟଗୁରୁ। ପଞ୍ଚମ ଥର ପାଇଁ ସଭାପତି ଭାବେ ବରିଷ୍ଠ ଆଇନ୍‌ଜୀବୀ ପ୍ରେମାନନ୍ଦ ମହାନ୍ତି ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦବିରେ ଲଢୁଆ ଶ୍ରମିକ ନେତା ତଥା ବରିଷ୍ଠ ଆଇନଜୀବୀ ଶରତ ରାୟଗୁରୁ ଲଗାତର ୨ୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ଏହି ଦୁଇ ପଦବି ପାଇଁ ଏଥର ବେଶ୍ ବଳ କଷାକଷି ଚାଲିଥିଲା। ତେବେ ଉଭୟ ସଭାପତି ଓ ସାଧାରଣ ସମ୍ପାଦକ ସମାନ ସଂଖ୍ୟକ ୬୫୭ ସଂଖ୍ୟକ ଭୋଟ ପାଇ ଜିତାପଟ ହାସଲ କରିବା ଚର୍ଚ୍ଚାର ବିଷୟ ହୋଇଛି। ଉପସଭାପତି ପଦବିରେ ପ୍ରଦୀପ କୁମାର ଦାସ ନିର୍ବାଚିତ ହୋଇଥିବା କହିଛନ୍ତି ନିର୍ବାଚନ ଅଧିକାରୀ ଆଡଭୋକେଟ ପ୍ରଦୀପ କୁମାର ରଥ। ମୋଟ ୧୪୭୮ ଭୋଟ ମଧ୍ୟରୁ ୧୧୯୭ ଜଣ ଆଇନଜୀବୀ ଭୋଟ ଦାନ କରିଥିଲେ। ସେଥିରୁ ପ୍ରେମାନନ୍ଦଙ୍କୁ ୬୫୭ ଭୋଟ ମିଳିଥିବା ସ୍ଥଳେ ତାଙ୍କ ପ୍ରତିଦ୍ୱନ୍ଦୀଙ୍କୁ ୫୨୭ ଭୋଟ, ଉପସଭାପତି ଭାବେ ପ୍ରଦୀପଙ୍କୁ ୮୦୬ ଖଣ୍ଡ ଭୋଟ ପାଇଥିବାରେ ତାଙ୍କ ପ୍ରତିଦ୍ୱନ୍ଦୀ ୩୮୪ ଓ ସାଧାରଣ ସମ୍ପାଦକ ଶରତଙ୍କୁ ୬୫୭ ଭୋଟ ମିଳିଥି ବାରେ ତାଙ୍କ ପ୍ରତିଦ୍ୱନ୍ଦୀ ୫୩୮ ଖଣ୍ଡ ଭୋଟ ମିଳିଥିଲା। ପାଞ୍ଚ ଜଣ କାର୍ଯ୍ୟକାରୀ କମିଟି ସଦସ୍ୟ ମଠରିରେ ଦେବାଶିଷ ଦାଶ ସର୍ବାଧିକ ୫୯୧ ଶିବାନନ୍ଦ ପାତ୍ର ୫୮୩, କର୍ଣ୍ଣବୀର ମହାପାତ୍ର ୫୬୫, ବିଜୟ କୁମାର ସାହୁ ୫୩୦, ନମିତା ସାମଲ ୫୧୫ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଯୁଗ୍ମସମ୍ପାଦକ ଭାବେ ଅସୀମ ଜପାର ଚାନାର୍ଜୀ, ସୋମନାଥ ରଣା ଓ ତମନ କୁମାର ବାରିକି ନିଦରେ ନିର୍ବାଚିତ ହୋଇଥିଲେ। ନିର୍ବାଚନକୁ ନିର୍ବାଚନ ଅଧିକାରୀ ଆଡଭୋକେଟ ଶ୍ରୀ ରଥଙ୍କ ସମେତ ୨୩ ଜଣ ଆଇନଜୀବୀ ବେଶ ଶୃଙ୍ଖଳାର ସହ ପରିଚାଳନା କରିଥିଲେ ।



# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ ଭାରତର ସ୍ଥଳ ସେନା ମୁଖ୍ୟ

ପୁରୀ: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ ଭାରତର ସ୍ଥଳ ସେନା ମୁଖ୍ୟ। ଭାରତୀୟ ସେନା କିଭଳି ଆହୁରି ଅଧିକ ଶକ୍ତିଶାଳୀ ହେବ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ। ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ସକାଳୁ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି। ସପରିବାର ସହ ସେନା ମୁଖ୍ୟ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସପି ପ୍ରତୀକ ସିଂ ତାଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ।

ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନ ସିଂହାସନରେ ଦର୍ଶନ କରିବା ପରେ ମା ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାଶ୍ୱର୍ଵ ଦେବାଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି



ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ସ୍ଥଳ ସେନା ମୁଖ୍ୟ। ପୁରୀ ନଗରୀକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସୁଯୋଗ ମିଳିଥିବାରୁ ସେ ନିଜକୁ ଭାଗ୍ୟବାନ ମନେ କରିଛନ୍ତି। ଆଗାମୀ ଦିନରେ ଯେକୌଣସି ପରିସ୍ଥିତି ଆସୁ ଭାରତୀୟ ସେନା ତା'କୁ କିଭଳି ସାମ୍ନା କରିବେ ଏବଂ ଭାରତୀୟ ସେନାମାନଙ୍କ ଶକ୍ତି କିଭଳି ଅଧିକ ବୃଦ୍ଧି ପାଇବ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ବିଶେଷ କରି ପୁରୀ ଓ ଓଡ଼ିଶାବାସୀଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦେଶର ମଙ୍ଗଳ କାମନା ନେଇ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ମଧ୍ୟ କରିଛନ୍ତି।

ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ସ୍ଥଳ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ପୁରୀ ସୈନିକ ସଦନରେ କିଛି ସମୟ ଅତିବାହିତ କରିବା ପରେ ସେଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତାଳବଣିଆ ହେଲିପ୍ୟାଡ ଯାଇ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଗୋପାଳପୁରର ମିଲିଟାରୀ ଷ୍ଟେସନ ଅଭିମୁଖେ ବାହାରିଥିବା ସୂଚନା ମିଳିଛି।

# ମହିଳା ସଶକ୍ତିକରଣର ସୁନାମି ଆସିଛି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆନ୍ତର୍ଜାତୀୟ ମହିଳା ଦିବସ ପୂର୍ବ ସନ୍ଧ୍ୟାରେ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଭୁବନେଶ୍ୱରସ୍ଥିତ ମେ'ଫେୟାର କନଭେନସନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିସନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦକ୍ଷ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପତ୍ନୀ ତଥା ରାଜ୍ୟର ପ୍ରଥମ ମହିଳା କମ୍ଭମପାଟି ଜୟଶ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଡଃ ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦର୍ସୱାଲ, ମିସନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ମାନସୀ ନିମ୍ଭାଲ, ସମେତ ରାଜ୍ୟର ଅନେକ ବିଶିଷ୍ଟ ଅତିଥି ଏବଂ ସଫଳ ମହିଳାମାନେ ଯୋଗ ଦେଇଥିଲେ।



ଅତିଥିମାନଙ୍କ ଆଗମନ ପରେ ବୃକ୍ଷରେ ଜଳଦାନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା, ଯାହା ଅଭିବୃଦ୍ଧି, ଆଶା ଏବଂ ନାରୀଶକ୍ତିର ପ୍ରତୀକ ଅଟେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ତାଙ୍କର ଅଦ୍ୱିତୀୟ ନେତୃତ୍ୱ ଏବଂ ଜନ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜ ଅଭିଭାଷଣରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରୁ ଏତେ ସଂଖ୍ୟକ ସଫଳ ମହିଳାଙ୍କ ଉପସ୍ଥିତି ଏକ ବଳିଷ୍ଠ ପ୍ରମାଣ ଯେ, ଆଜିର ଓଡ଼ିଶାରେ ମହିଳାମାନେ ରାଜ୍ୟର ବିକାଶରେ କେବଳ ସହଭାଗୀ ନୁହନ୍ତି, ବରଂ ପରିବର୍ତ୍ତନର ନେତୃତ୍ୱ ନେଇ ରାଜ୍ୟର ବିକାଶ ଧାରାକୁ ଏକ ନୂତନ ରୂପ ଦେଉଛନ୍ତି। ପରିଶେଷରେ, ବିଶିଷ୍ଟ କଣ୍ଠଶିଳ୍ପୀ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ସୁସ୍ମିତା ଦାଶ ଏବଂ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଡଃ ଆଦ୍ୟାଶା ଦାସଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉତ୍ସବକୁ ଅଧିକ ମନୋଜ୍ଞ କରିଥିଲା।

# ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଏମ୍ସ ଭୁବନେଶ୍ୱର ପରିଦର୍ଶନ



ଭୁବନେଶ୍ୱର: ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ (ମାନବାଧିକାର ଶିକ୍ଷା ଏବଂ ଲିଙ୍ଗ ସମାନତା) ପ୍ରଫେସର କହ୍ନେୟା ତ୍ରିପାଠୀ ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀ ତ୍ରିପାଠୀ ମାନବାଧିକାର ଶିକ୍ଷା, ରୋଗୀସେବାରେ ସମାନତା ଏବଂ ଲିଙ୍ଗ-ସମ୍ବେଦନଶୀଳ ସ୍ୱାସ୍ଥ୍ୟସେବା ଅଭ୍ୟାସ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଥିଲେ। ଏଥିସହିତ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ସମେତ ବରିଷ୍ଠ ଅଧ୍ୟାପକ, ପ୍ରାଶାସନିକ ଅଧିକାରୀ ଏବଂ ବିଭାଗୀୟ ପ୍ରତିନିଧିଙ୍କ ସହିତ ବିସ୍ତୃତ ଆଲୋଚନା ମଧ୍ୟ କରିଥିଲେ।

ସମସ୍ତଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ନିୟମିତ ଚିକିତ୍ସା ଅଭ୍ୟାସରେ ମାନବାଧିକାର ନୀତିଗୁଡ଼ିକର ଉତ୍ତମ ଅନୁପାଳନ ନିମନ୍ତେ ଏମ୍ସ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ। ସ୍ୱାସ୍ଥ୍ୟସେବା ପାଇଁ ସମାନ ପ୍ରବେଶ, ସୂଚିତ ସମ୍ମତି, ରୋଗୀ ସମ୍ମାନ ଏବଂ ଅଣ-ପାକ୍ଷିକତା ଭଳି ପ୍ରମୁଖ ଦିଗଗୁଡ଼ିକୁ ଏକ ଅଧିକାର-ଭିତ୍ତିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅତ୍ୟାବଶ୍ୟକ ଉପାଦାନ ଭାବରେ ଆଲୋକପାତ କରିଥିଲେ ଶ୍ରୀ ତ୍ରିପାଠୀ।

ରୋଗୀ ସେବା ପ୍ରଦାନରେ ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହିତ ଏପରି ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ନେଇ ସମର୍ଥନ ପ୍ରକାଶ କରିଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ। ଏନ୍‌ଏଚ୍‌ଆରସିର ନିର୍ଦ୍ଦେଶାବଳୀ ସହିତ ସମନ୍ୱୟ ରଖି, ପ୍ରଚଳିତ ବ୍ୟବସ୍ଥାକୁ ଦୃଢ଼ କରିବାର ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ। ଏହି ବୈଠକରେ ଡିନ୍ ଡ. ପି. ଆର. ମହାପାତ୍ର, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ମାଷ୍ଟର ସେଫ୍‌ରେ ସେକେଣ୍ଡ ରନର୍ସଅପ୍ ବିଜେତା ଅଞ୍ଜୁ ଓ ମଞ୍ଜୁଙ୍କୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିପୁଳ ସ୍ୱାଗତ କରାଯିବା ଅବସରରେ

# ରତ୍ନଭଣ୍ଡାର ଗଣତିମଣତି: ଚଳନ୍ତି ଭଣ୍ଡାର ଗଣତି ଶେଷ

ପୁରୀ: ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ବହୁ ପ୍ରତୀକ୍ଷିତ ରତ୍ନଭଣ୍ଡାର ଗଣତିମଣତି ହୋଇଛି। ଶ୍ରୀଅଙ୍ଗ ଲାଗି ହୋଇଥିବା ରାହୁରେଖା ଓ ସୁନାଚିତାକୁ ଛାଡ଼ିଦେଲେ ପ୍ରଥମ ଦିନରେ ଚଳନ୍ତି ଭଣ୍ଡାର ଗଣତିମଣତି ଶେଷ ହୋଇଛି। ସେ ସବୁକୁ ୧୯୭୮ ମସିହାର ରତ୍ନ ତାଲିକା ସହ ମେଳକ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀଅଙ୍ଗଲାଗି ଅଳଙ୍କାର ଗଣାଯିବ। ଅଳଙ୍କାର ସବୁ ଅଲଗା ଅଲଗା ସିନ୍ଦୁକରେ ରଖାଯିବା ସହ ସବୁ ରତ୍ନର କାଟାଲଗ୍ ପ୍ରସ୍ତୁତ କରାଯାଇଛି। ୬ ଘଣ୍ଟା ଧରି ଚାଲିଥିବା ଏହି ପ୍ରଥମ ଦିନର ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଭଣ୍ଡାର ମେକାପଙ୍କୁ ରତ୍ନ ଅଳଙ୍କାରର ମଣତି କରାଯାଇଛି। ସେ ସବୁର ଓଜନ ମାପ କରାଯାଇଛି। ପ୍ରଥମ ଥର ପାଇଁ ମୁଖ୍ୟ ଅଳଙ୍କାରଗୁଡ଼ିକର ୩ଡି-ମ୍ୟାପିଂ କରାଯାଇଛି। ଅଧିକୃତ ବ୍ୟକ୍ତିଙ୍କ ସାମ୍ନାରେ ସ୍ୱଚ୍ଛତାର ସହ ଏହି ପ୍ରକ୍ରିୟା ଶେଷ ହୋଇଛି। ପୁଣି କେବେ ଏହି ପ୍ରକ୍ରିୟା ଆରମ୍ଭ ହେବ ବା ବାହାର ଭଣ୍ଡାର କେବେ ଗଣତି ହେବ ସେ ନେଇ କୌଣସି ସୂଚନା ଦେଇ ନାହାନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ବରଂ ଆଉଥରେ ଏହି ପ୍ରକ୍ରିୟା ଆରମ୍ଭ ହେଲେ ଆମେ ଜଣେଇବୁ ବୋଲି କହିଛନ୍ତି। ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ବା ତିନିଟିଯାକ ଭଣ୍ଡାର ଗଣତି ହେବା ପରେ ଏହାର ରିପୋର୍ଟ ପରିଚାଳନା କମିଟିରେ ଉପସ୍ଥାପନ କରାଯିବା ସହ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ଏଣୁ ତା ପୂର୍ବରୁ କେତେ ବା କି ପ୍ରକାର ରତ୍ନ ରହିଲା ସେ ନେଇ ସୂଚନା



ଦିଆଯାଇ ପାରିବ ନାହିଁ। ୪୮ ବର୍ଷ ପରେ ରତ୍ନଭଣ୍ଡାର ଗଣତିମଣତି ଆରମ୍ଭ ହୋଇଛି। ପୂର୍ବ ପ୍ରସ୍ତୁତି ମୁତାବକ ମାହେନ୍ଦ୍ର ବେଳା ୧୨ଟା ୯ ମିନିଟ୍‌ରେ ହିଁ ଚଳନ୍ତି ଭଣ୍ଡାର ଖୋଲାଯାଇଥିଲା। ତା ପୂର୍ବରୁ ସୁପରଭାଇଜିଂ ଟିମ୍ ଓ ହ୍ୟାଣ୍ଡେଲିଂ ଟିମ୍ ସେଠାରେ ଉପସ୍ଥିତ ଥିଲେ। ତଦାରଖ କମିଟି ମୁଖ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ସମେତ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂହଙ୍କ ସମେତ ଭଣ୍ଡାର ମେକାପ, ତଢ଼ାଉକରଣ ଓ ବଣିଆ ସେବକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ବଣିଆଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ୧୨ଟା ୯ ମିନିଟ୍‌ରୁ ୬ଟା ୧୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଭକ୍ତମାନଙ୍କର କୌଣସି ସମସ୍ୟା ହୋଇ ନ ଥିବା କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ତେବେ ଭକ୍ତମାନେ ଭିତରକାଠ ପର୍ଯ୍ୟନ୍ତ ଯାଇପାରି ନଥିଲେ। କେବଳ ବାହାର କାଠ ନିକଟରେ ଦର୍ଶନ କରିଥିଲେ। ବିଶେଷ କିଛି ସମସ୍ୟା ହୋଇନାହିଁ। ଆଗକୁ ଯେତେବେଳେ ଅଧିକ ନୀତି ନ ଥିବ ବା ଛୁଟିଦିନ ନ ଥିବ ସେଭଳି ଦିନ ଦେଖି ଆମେ ପୁଣି ଥରେ ଗଣତିମଣତି ଆରମ୍ଭ କରିବୁ। ଭକ୍ତମାନଙ୍କର ଦର୍ଶନରେ ଯେଭଳି ସମସ୍ୟା ହେବ ନାହିଁ ତାହାକୁ ନଜରରେ ରଖିବୁ ବୋଲି କହିଛନ୍ତି।

ଅନ୍ୟପଟେ ରତ୍ନଭଣ୍ଡାର ମାମଲାକୁ ହାଇକୋର୍ଟ ନେଇଥିବା ଆଇନଜୀବୀ ଦିଲୀପ ବରାଳ କହିଛନ୍ତି, ଶନିବାର, ରବିବାର କିମ୍ବା ଛୁଟିଦିନରେ କାହିଁକି ଗଣତିମଣତି ବନ୍ଦ ରହିବ? କେବଳ କାଳକ୍ଷେପଣ ନୀତି ଆପଣେଇଛନ୍ତି ପ୍ରଶାସନ। ଚଳନ୍ତି ଭଣ୍ଡାର ଗଣତିରେ କୌଣସି ବାହାଦୁରି ନାହିଁ। ବରଂ ଯେଉଁ ଚୋରି ଅଭିଯୋଗ ହୋଇଛି ତାହା ଭିତର ରତ୍ନଭଣ୍ଡାରରୁ। ଏହାକୁ କେବେ ଗଣିବେ?





# ଚତୁର୍ଥ ସୂଚନା କନକ୍ଲେଭ୍ର -୨୦୨୬ ଅବସରରେ ଭାଗନେଇଥିବା ସମ୍ମାନୀତ ଅତିଥି, ବକ୍ତା ଓ ଦର୍ଶକମାନଙ୍କର କିଛି ଝଲକ






















## ଶ୍ରୀ ମନ୍ଦିରର ସମସ୍ତ ନୀତି କାନ୍ତି ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ସମ୍ମତ



ପୁରୀ: କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସରରେ ଶ୍ରୀ କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନ, ପୁରୀ, ଓଡ଼ିଶାର ଶ୍ରୀମନ୍ଦିରରେ ଜ୍ୟୋତିଷ ଶାସ୍ତ୍ର ଓ ବାସ୍ତୁଶାସ୍ତ୍ର ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇ ଅଛି। ସଦାଶିବ ପରିସରର ନିର୍ଦ୍ଦେଶକ ଜ୍ୟୋତିଷାଚାର୍ଯ୍ୟ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଜ୍ୟୋତିର୍ବିଦ୍ୟା ଓ ବାସ୍ତୁଶାସ୍ତ୍ର ର ଉତ୍ପତ୍ତି ସମ୍ପର୍କରେ ସେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ପ୍ରତିଷ୍ଠାନର ସଭାପତି ପ୍ରାଧ୍ୟାପକ ଡ଼ ବଳରାମ ଦାଶ ମହାପ୍ରଭୁଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରି ଜଗନ୍ନାଥ ଅଷ୍ଟକମ ଗାନ କରିଥିଲେ । ସାମ୍ବାଦିକ ମଧୁସୂଦନ ମିଶ୍ର ସଭା ସଂଚାଳନ କରିଥିଲେ। ସମ୍ପାଦକ ତଥା ଜ୍ୟୋତିର୍ବିଦ ଦୟାନିଧି ପଣ୍ଡା ସ୍ୱାଗତ ଭାଷଣ ସହ ଶ୍ରୀ ମନ୍ଦିରରେ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରର ଉପାଦେୟତା ତଥା ଜଗନ୍ନାଥସ୍ୱୟଂ ଗ୍ରହ ରୁପି ଜନାର୍ଦ୍ଦନ ବୋଲି ପ୍ରତିପାଦନ କରିଥିଲେ । ମୁଖ୍ୟ ଅତିଥି ରୁପେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଶ୍ରୀ ଜଗନ୍ନାଥ ମନ୍ଦିରର ନୀତି କାନ୍ତି ତଥା ଯାନି ଯାତ୍ରା ପର୍ବ ପର୍ବାଣି ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ସମ୍ମତ ବୋଲି ଅବିହିତ କରିଥିଲେ । ମୁଖ୍ୟ ବକ୍ତା ରୁପେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଧର୍ମଶାସ୍ତ୍ର ବିଭାଗର ପ୍ରାକ୍ତନ ପ୍ରଫେସର ଡ଼ ମାଧବ ଚନ୍ଦ୍ର ପଣ୍ଡା କହିଲେ, ଶ୍ରୀ ମନ୍ଦିର ପାଞ୍ଜି ଜ୍ୟୋତିର୍ବିଦ ମାନଙ୍କ ପରାମର୍ଶ ଅନୁସାରେ ହେବାସହ ବାସ୍ତୁଶାସ୍ତ୍ର ଅନୁଯାୟୀ ଶ୍ରୀମନ୍ଦିର ନିର୍ମିତ । ମହାପ୍ରଭୁଙ୍କର ପ୍ରତ୍ୟେକ କାର୍ଯ୍ୟକ୍ରମ ଜ୍ୟୋତିଷଶାସ୍ତ୍ର ଓ ଶ୍ରୀ ମନ୍ଦିର ଜ୍ୟୋତିଷ ଖୁରିନାହାକଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇ ଥାଏ ବୋଲି ମତ ପ୍ରଦାନ କରିଥିଲେ । ବିଶିଷ୍ଟଅତିଥି ରୁପେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ,ସମ୍ମାନିତ ଅତିଥି ରୁପେ ମହନ୍ତ ଶୁଭାନନ୍ଦ ପୁରୀ,ଜ୍ୟୋତିର୍ବିଦ ବିଚିତ୍ରା ନନ୍ଦ ମିଶ୍ର, ବରିଷ୍ଠ ସେବକ ଶ୍ରୀ ରାମଚନ୍ଦ୍ର ଦାସ ମହାପାତ୍ର, ସମାଜ ସେବୀ ସତ୍ୟବାଦୀ ଦାଶ ଜ୍ୟୋତିର୍ବିଦ ବିଚିତ୍ରାନନ୍ଦ ମିଶ୍ର, ସେବକ ବିଶ୍ୱନାଥ ସାମନ୍ତରାୟ, ଶ୍ୟାମା ପ୍ରସାଦ ମିଶ୍ର ଯୋଗଦେଇ ବାସ୍ତୁଶାସ୍ତ୍ର ଅନୁଯାୟୀ ଶ୍ରୀମନ୍ଦିରର ଐଶାଣ କୋଣରେ ସ୍ନାନ ମଣ୍ଡପ, ଅଗ୍ନିକୋଣରେ ରୋଷାଶାଳା, ଇତ୍ୟାଦି ରହିଛି,ଶଙ୍ଖକ୍ଷେତ୍ର ଶ୍ରୀମନ୍ଦିର ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ପରିଚାଳିତ ବୋଲି ମତବ୍ୟକ୍ତ କରିଥିଲେ ଏହି ଅବସରରେ ଶ୍ରୀ କ୍ଷେତ୍ରାଧିପତି ପାଞ୍ଜିକାକା ଉନ୍ମୋଚନ ହୋଇଥିଲା । ଅଧିବେଶନ ଶ୍ରୀ ଜଗନ୍ନାଥ ଭାବ ମନ୍ଥନ କାର୍ଯ୍ୟକ୍ରମରେ ମହନ୍ତ ପର୍ଶୁରାମ ଦାଶ, ମହାରାଜ, ପ୍ରଫେସର ବିଶ୍ୱରଞ୍ଜନ ପତି,ସେବକ ନୀଳମଣି ଗୁରୁ,ସେବକ ଗଣେଶ୍ୱର ମହାସୁଆର,ପ୍ରମୁଖ ଯୋଗଦେଇ ଜଗନ୍ନାଥ ତତ୍ତ୍ୱ ଓ ଭକ୍ତି ଭାବ ସମ୍ପର୍କରେ ଆଲୋକ ପାତ କରିଥିଲେ । ଶିକ୍ଷୟିତ୍ରୀ ଦିପ୍ତୀମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଶ୍ୟାମ ସୁନ୍ଦର ହାଲଦାର, ରବିନାରାୟଣ ଖଡ଼ିରତ୍ନ, ଡ଼.ସସ୍ମିତା ମିଶ୍ର, ଅରବିନ୍ଦ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । ପଣ୍ଡିତ ଦୟାନିଧି ପଣ୍ଡା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।






ଆଚାର୍ଯ୍ୟ ହରିହର ବିଦ୍ୟା ନିକେତନ ,ହେରାଗୋହିରୀ ସାହି, ପୁରୀର ବାର୍ଷିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ।

### ଜଗନ୍ନାଥ ଦର୍ଶନ ପୁରୀବାସୀଙ୍କ ଅଧିକାର ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ଆଗକୁ ଆସିଲେ ପୁରୀର ରାଜନୈତିକ ନେତୃ ବୃନ୍ଦ

## ଆସନ୍ତା ୭ ତାରିଖରେ ପ୍ରତିବାଦ ସଭା

ପୁରୀ: ପ୍ରତ୍ୟହ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପୁରୀବାସୀଙ୍କ ଅଧିକାର। ସେଥିରୁ ସେମାନଙ୍କୁ ସରକାର ବଞ୍ଚିତ କରିପାରିବେ ନାହିଁ । ସାତଦିନ ମଧ୍ୟରେ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ନ କଲେ ଜୋରଦାର ଆନ୍ଦୋଳନ କରାଯିବ। ପୁରୀବାସୀଙ୍କ ଅଧିକାର ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶଙ୍କ ସମେତ ପୁରୀ ଓକିଲ ସଂଘ କର୍ମକର୍ତ୍ତା ଆଗେଇ ଆସିଛନ୍ତି। ନାୟକ ପ୍ଲାଜା ସମ୍ମିଳନୀ କକ୍ଷରେ ଶ୍ରୀକ୍ଷେତ୍ର ସୁରକ୍ଷା ଅଭିଯାନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ସେଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀତ୍ରିପାଠୀ କହିଲେ, ପୁରୀବାସୀଙ୍କୁ ଜଗନ୍ନାଥ ଦର୍ଶନରୁ ରାଜ୍ୟ ସରକାର ବଞ୍ଚିତ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରବେଶ ପାଇଁ ପୁରୀବାସୀଙ୍କ ପାଇଁ ପ୍ରଶାସନ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଉଚିତ୍। ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ନିରବତା ଆଦୌ ଗ୍ରହଣୀୟ ନୁହେଁ। ଜଗନ୍ନାଥ ଦର୍ଶନ ଅଧିକାରର ସୁରକ୍ଷା ପାଇଁ ଦଳମତ ନିର୍ବିଶେଷରେ ପୁରୀବାସୀ ଏକାଠି ହୋଇ ଆନ୍ଦୋଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପୂର୍ବତନ ଜୟ ଜଗନ୍ନାଥ ବିଧାୟକ ଉମା ବଲ୍ଲଭ ରଥ କହିଲେ, ଦୀର୍ଘ ବର୍ଷ ଧରି ପୁରୀବାସୀ ଚାରିଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରୁଥିଲେ । ମହାପ୍ରସାଦ ଉପରେ ସ୍ଥାନୀୟ ଅଧିବାସୀ ନିର୍ଭର କରନ୍ତି। ପୁରୀର ବହୁଲୋକ ପ୍ରତ୍ୟହ ମଙ୍ଗଳା ଆଳତୀ ଓ ବଡ଼ସିଂହାର ବେଶ ଦର୍ଶନ ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ଯାଇଥାନ୍ତି। ପ୍ରଶାସନ ସେଥିରେ କଟକଣା ଜାରି କରିବା ଅନୁଚିତ୍। ପୂର୍ବପରି ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ସେ ଦାବି କରିଛନ୍ତି। ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ପୁରୀ ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି ଓ ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁରୀ ସହର ବାସୀଙ୍କ ଭିଟାମାଟି ଅଧିକାର ଓ ଜଗନ୍ନାଥ ଦର୍ଶନ ଅଧିକାରର ସୁରକ୍ଷା ପାଇଁ ସେମାନେ ଦାବି କରିଥିଲେ । ପ୍ରତ୍ୟେକ ଦିନ ଶହ ଶହ ଭିଆଇପି ଓ ଭିଭିଆଇପିଙ୍କୁ ପ୍ରଶାସନ ସ୍ୱତନ୍ତ୍ର ଦର୍ଶନ ସୁଯୋଗ ଦେଉଥିବା ବେଳେ ପୁରୀବାସୀ କାହିଁକି ସେଥିରୁ ବଞ୍ଚିତ ହେବେ ବୋଲି ସେ ପ୍ରଶ୍ନ କରିଥିଲେ। ବିଜେଡି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଉତ୍କଳ ବିଦ୍ୟୁତ୍ ପରିଷଦ ଅଧ୍ୟକ୍ଷ ମନୋଜ କୁମାର ରଥ,ଭଏସ ଅଫ କମନମ୍ୟାନ ର ପ୍ରତିଷ୍ଠାତା ହେକ୍ଟର ମିଶ୍ର , ବୀରେନ୍ଦ୍ର ଭୂଷଣ ହୋତା ପ୍ରମୁଖ ସ୍ୱତନ୍ତ୍ର ଦର୍ଶନ ସୁବିଧା ପାଇଁ ଦାବି କରିଥିଲେ।




## 'ପଦ୍ମଶ୍ରୀ ରଥଶର୍ମା ଶ୍ରୀଜଗନ୍ନାଥ ସଂସ୍କୃତିକୁ ଓ ଚେତନାକୁ ବିଶ୍ୱ ଦରବାରରେ ପହଁଞ୍ଚାଇବାରେ ସର୍ବଶ୍ରେଷ୍ଠ ପ୍ରଚାରକ'

ପୁରୀ: ପଦ୍ମଶ୍ରୀ ରଥଶର୍ମା ଶ୍ରୀଜଗନ୍ନାଥ ସଂସ୍କୃତିକୁ ଓ ଚେତନାକୁ ବିଶ୍ୱର ବିଭିନ୍ନ କୋଣରେ ପହଁଞ୍ଚାଇବାରେ ସର୍ବଶ୍ରେଷ୍ଠ ପ୍ରଚାରକ। ମହାପ୍ରଭୁଙ୍କ ମହିମାକୁ ସେ ବିଶ୍ୱ ସ୍ତରରେ ପହଞ୍ଚାଇଥିଲେ। ତାଙ୍କ ଅବଦାନକୁ ଓଡ଼ିଆ ଜାତି ସବୁଦିନ ପାଇଁ ମନେ ରଖୁବ ବୋଲି ଅତିଥିମାନେ କହିଛନ୍ତି। ରବିବାର ପାପମୋଚନୀ ଏକାଦଶୀ ତିଥିରେ ରଥଶର୍ମାଙ୍କ ୩୭ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ସୁନ୍ଦରାଯାଗା କଲ୍ୟାଣ ମଣ୍ଡପରେ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର, କଟକୀ ମଠ ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଲେ, ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କେନ୍ଦ୍ର ସରକାର ସଦାଶିବ ରଥଶର୍ମାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ । ଚାରଣ ଗୋଷ୍ଠୀ ପ୍ରତିଷ୍ଠା କରି ସେ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ସମଗ୍ର ବିଶ୍ୱରେ ପଦ୍ମଶ୍ରୀ ପଣ୍ଡିତ ସଦାଶିବ ରଥଶର୍ମା ପ୍ରଚାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଶ୍ରୀଜଗନ୍ନାଥ ଚେତନା, ଲୀଳା ରହସ୍ୟ ଓ ମହିମା ବିଷୟରେ ତାଙ୍କର ଅଗାଧ୍ୟ ପାଣ୍ଡିତ୍ୟ ଥିଲା । ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା ସଭାରେ ଅଧ୍ୟକ୍ଷତା କରିଥିଲେ। ସଂଗଠକ ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ନୀଳାଦ୍ରି ସତସଙ୍ଗ, ଚାରଣ ଗୋଷ୍ଠୀ, ବିଶ୍ୱ ଜଗନ୍ନାଥ ଚେତନା ସଂସଦ ପକ୍ଷରୁ ବିଷ୍ଣୁ ସହସ୍ରନାମ ପାଠ, ସଙ୍କୀର୍ତ୍ତନ ନଗର ପରିକ୍ରମା, ଶ୍ରୀମଦ ଭାଗବତ ଗୀତା ପାରାୟଣ ଏବଂ ରଥଶର୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ସଂକୀର୍ତ୍ତନ କଳାକାର ଓ ଚାରଣ ଗୋଷ୍ଠୀ ସଦସ୍ୟ ସେଥିରେ ଯୋଗ ଦେଇଥିଲେ।




## ମାଓମୁକ୍ତ ହେଲା ଓଡ଼ିଶା

ଭୁବନେଶ୍ୱର: ଦେଶକୁ ମାଓମୁକ୍ତ କରିବାକୁ କେନ୍ଦ୍ର ସରକାର ମାର୍ଚ୍ଚ ୩୧ ତାରିଖ ଧାର୍ଯ୍ୟ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଆହ୍ୱାନ ପରେ ଓଡ଼ିଶା ଭଳି ମାଓପ୍ରବଣ ରାଜ୍ୟରେ ମାଓ ସଂଗଠନକୁ ମୂଳପୋଛ କରିବା କାଠିକର ଥିଲା। କାରଣ ୨୦୨୫ ବେଳକୁ ରାଜ୍ୟର କନ୍ଧମାଳ, ମାଲକାନଗିରି, କୋରାପୁଟ, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା ଓ କଳାହାଣ୍ଡି ଏଭଳି ୯ଟି ଜିଲ୍ଲାରେ ମାଓ ଉପଦ୍ରବ ଚରମ ସୀମାରେ ଥିଲା। ମାଓବାଦୀ ୩୫୯ଜଣଙ୍କୁ ହତ୍ୟା କରିଥିଲେ। ଏହି ସମୟରେ ରାଜ୍ୟ ସରକାର ଏଡିଜି ସଂଜୀବ ପଣ୍ଡାଙ୍କୁ ମାଓ ଅପରେସନ୍ର ମଙ୍ଗ ଧରାଇ ଏଡିଜି ଆଣ୍ଟି ନକ୍ସଲ ଅପରେସନ୍ସ ଭାବେ ନିଯୁକ୍ତି ଦେଇଥିଲେ। ତେବେ ଏହି ଦୁର୍ଗମ ଓ ଅଭେଦ୍ୟ ଗଡ଼ରୁ କିଭଳି ମାଓମୁକ୍ତ କରାଯିବ ବିରାଟ ଚ୍ୟାଲେଞ୍ଜ ଥିଲା ବୋଲି ଏଡିଜି ଶ୍ରୀ ପଣ୍ଡା କହିଛନ୍ତି। ଗତ ୨୦୨୫ ଓ ୨୦୨୬ ମସିହା ମାର୍ଚ୍ଚ ମଧ୍ୟରେ ରାଜ୍ୟରେ ମାଓବାଦୀ ଦମନ ଅଭିଯାନରେ ୨ ସେଣ୍ଟ୍ରାଲ୍ କମିଟି ମେମ୍ବରଙ୍କ ସମେତ ୨୭ଜଣ ମାଓବାଦୀଙ୍କୁ ନିପାତ କରାଯାଇଛି। ୯ଜଣ ମାଓବାଦୀ ଗିରଫ ହୋଇଛନ୍ତି। ୪ ଜଣ ରାଜ୍ୟ କମିଟି ସଦସ୍ୟଙ୍କ ସମେତ ୭୮ ଜଣ ମାଓବାଦୀ ଓଡ଼ିଶା ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ। ସୁରକ୍ଷା ବାହିନୀ ଦ୍ୱାରା ଓଡ଼ିଶାରେ ବ୍ୟାପକ ମାଓବିରୋଧୀ ଅଭିଯାନ ଯୋଗୁଁ ୨ ଜଣ ରାଜ୍ୟ କମିଟି ସଦସ୍ୟଙ୍କ ସମେତ ୪୨ ଜଣ ମାଓବାଦୀ ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶ ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ। ନକ୍ସଲ ବିରୋଧୀ ଲଢ଼େଇରେ ୨୩୯ ଜଣ ସୁରକ୍ଷା କର୍ମୀ ସହିଦ ହୋଇଥିଲେ। ଯେଉଁଥିରେ ୧୪୨ ଜଣ ଓଡ଼ିଶା ପୁଲିସ, ୨୫ ଜଣ ସିଆର୍ପିଏଫ୍, ୧୫ ଜଣ ବିଏସ୍ଏଫ୍, ୩୮ ଜଣ ଆନ୍ଧ୍ର ପ୍ରଦେଶ ପୁଲିସ, ୧୦ ଜଣ ସିଆଇଏସ୍ଏଫ୍ ଏବଂ ୯ ଜଣ ଛତିଶଗଡ଼ ପୁଲିସ ଅଛନ୍ତି। ବର୍ତ୍ତମାନ ସୁଧା କନ୍ଧମାଳ ଜିଲ୍ଲାକୁ ଛାଡ଼ିଲେ ବାକି ୮ଟି ଜିଲ୍ଲାକୁ ସମ୍ପୂର୍ଣ୍ଣ ମାଓ ମୁକ୍ତ କରାଯଇଛି। ଏବେ କେବଳ କନ୍ଧମାଳ ଜିଲ୍ଲାରେ ୮-୯ଜଣ ମାଓବାଦୀ ସକ୍ରିୟ ରହିଛନ୍ତି।। ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ପୁନର୍ବାର ଆରମ୍ଭ ନହେବା ପାଇଁ ଅପରେସନ୍ ଜାରି ରହିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

STRENGTHEN REGIONAL JOURNALISM
BECOME A YEARLY SUBSCRIBER
Only ₹120
Support independent and responsible regional reporting that highlights public issues, culture, and grassroots voices.
Your contribution of just ₹120 per year helps us continue serving society with integrity and commitment.
After payment, kindly send:
·Payment Screenshot ·Full Name
·Complete Postal Address (with PIN Code)
via WhatsApp to: 6372668188
The Newspaper will reach at your doorstep every month
Your small support makes a big difference.
Subscribe · Support · Strengthen




# ପୁଣ୍ୟାତ୍ମା ପୁଣ୍ୟଶ୍ଳୋକ ମଧୁବାବୁ ଓ ଓଡ଼ିଆ ଆନ୍ଦୋଳନର ପୃଷ୍ଠଭୂମି: ଏପ୍ରିଲର ଇତିକଥା

**ରାମେଶ୍ୱର ସାହୁ**

ସମଗ୍ର ବିଶ୍ୱରେ ଏପ୍ରିଲ ବହୁ ପୁରାକାଳରୁ ଆରମ୍ଭ କରି ଅଦ୍ୟାବଧି ବହୁ ଘଟଣାର ଝୁଁ ତିରେ ଏକ ଚମକପ୍ରଦ ଇତିହାସ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସାରା ବିଶ୍ୱରେ ଏହା ଏକ ରସବମୁଖର ମାସ ରୂପେ ଗଣ୍ୟ କରାଯାଏ। ଏପ୍ରିଲ ଲାଟିନ୍ ଭାଷା 'ଏପ୍ରିଲସ୍' ଶବ୍ଦରୁ ଗୃହୀତ। ପ୍ରଥମେ ୧୫୬୪ ମସିହାରେ ଫ୍ରାନ୍ସରେ ଏହାର ପ୍ରଚଳନ 'ପ୍ରଏଟିନ୍ ଡି ଏଭିଲ୍ (ଏପ୍ରିଲଫସ)ରୁ ହୋଇଥିଲା ବୋଲି ଫରାସୀମାନେ ଦାବି କରନ୍ତି। ଉତ୍କଳ ତଥା ଭାରତ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଅନେକ ଅବିସ୍ମରଣୀୟ ଘଟଣାବଳୀ ତା'ର ମାନସ ସ୍ମୃତିପଟ୍ଟରେ ସାଇତି ରଖି ସମଗ୍ର ବିଶ୍ୱରେ ସେ ଆଜି ସ୍ମରଣୀୟ ଦିବସ 'ଏପ୍ରିଲ ଫୁଲ୍' ରୂପେ ପରିଚିତ। ଏହି ମାସରେ ମଧ୍ୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଆଦ୍ୟ ପ୍ରବକ୍ତା କୁଳବୃଦ୍ଧ

ମଧୁସୂଦନଙ୍କ ଜୟନ୍ତୀ ପାଇଁ ଓଡ଼ିଆ ଜାତି ତା'ର ସ୍ୱାଭିମାନ, ମର୍ଯ୍ୟାଦା ଓ ଗୌରବମୟ ପରମ୍ପରାକୁ ପୁନର୍ଜୀବିତ କରିଛି। ଆଜି 'ମଧୁବାହିନୀ' ଉତ୍କଳ ଦିବସର ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ଗର୍ବିତ, ଉତ୍ ଫୁଲ୍ଲିତ ତଥା ଅତୀତର ସେହି ଗୌରବମୟ ପରମ୍ପରାକୁ ପୁନଃଜାଗତ କରୁଛି।ସ୍ୱତନ୍ତ୍ର ଓଡ଼ିଶା ଗଠନର ଇତିହାସ ପୃଷ୍ଠାରେ ଥିବା ଏକ ଅଧ୍ୟାୟକୁ ଦୃଷ୍ଟିପାତ କଲେ ଦେଖାଯାଏ ଯେ, ପଞ୍ଚଦଶ ଶତାବ୍ଦୀରେ ଗଙ୍ଗାଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିବା ବିଶାଳ ଉତ୍କଳ ଭୂଖଣ୍ଡର ଭାଗ୍ୟ ବିପର୍ଯ୍ୟୟ ଓ କ୍ରମାନ୍ୱୟ ଅଙ୍ଗଚ୍ଛେଦ ପ୍ରକୃତରେ ଷୋଡ଼ଶ ଶତାବ୍ଦୀରୁ ଆରମ୍ଭ ହୋଇଥିଲା। ଏହାର ରାଜନୈତିକ ଆୟତନରେ କ୍ରମାଗତ ସଂକୋଚନ ଘଟି ଅଷ୍ଟାଦଶ ଶତାବ୍ଦୀ ବେଳକୁ ଉପକୂଳବର୍ତ୍ତୀ ମାତ୍ର ଚାରୋଟି ଜିଲ୍ଲା - କଟକ, ପୁରୀ, ବାଲେଶ୍ୱର, ଢେଙ୍କାନାଳ ଓ ଅନୁଗୁଳ ମଧ୍ୟରେ ସୀମିତ ହୋଇଯାଇଥିଲା। ଚତୁର୍ଦ୍ଦିଗରେ ପରିବେଷ୍ଟନ କରିଥିବା ଚାରୋଟି ବୃହତ୍ ପ୍ରଦେଶ - ବଂଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ଦ୍ୱାରା ସେତେବେଳେ ଓଡ଼ିଶାର ଅଧିକାଂଶ କ୍ଷେତ୍ର କବଳିତ ହୋଇ ସେଠାକାର ସ୍ଥାନୀୟ ଭାଷା, ସଂସ୍କୃତି ନିଷ୍ପେସିତ ଓ ବିପନ୍ନ ହେବାକୁ ଲାଗିଲା। ଏଣୁ ଏହାର ପ୍ରତିବିଧାନ ଉଦ୍ଦେଶ୍ୟରେ ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳ ଏକତ୍ର କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ଊନବିଂଶ ଶତାବ୍ଦୀରେ ଦ୍ୱିତୀୟାର୍ଦ୍ଧରୁ ସାମୂହିକ ଭାବେ ବିଭିନ୍ନ ଅଞ୍ଚଳରେ ଉଦ୍ୟମ ହୋଇଥିଲା। ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଓ ଉତ୍କଳ ସମ୍ମିଳନୀର ଅକ୍ଳାନ୍ତ ଉଦ୍ୟମ ଓ ପୁରୋଧା କୁଳବୃଦ୍ଧ ମଧୁସୂଦନଙ୍କ ଯୋଗୁଁ ସମ୍ଭବ ହୋଇଥିଲା। ପରେ ଡଃ ମହତାବଙ୍କ ଉଦ୍ୟମରେ ୧୯୪୮-୪୯ରେ ଏହା ସହିତ ଓଡ଼ିଆ ଭାଷୀ ବହୁ ଗଡ଼ଜାତର ମିଶ୍ରଣ ଫଳରେ ବୃହତ୍ତମ ଓଡ଼ିଶା ବିକାଶ ଲାଭ କରିଥିଲା। ତେବେ ପ୍ରାୟ ଏକ ଚତୁର୍ଥାଂଶ ଓଡ଼ିଆ ଭାଷୀ ଅଂଚଳ ପଡ଼ୋଶୀ ପ୍ରଦେଶମାନଙ୍କରେ ଯେ ରହିଗଲା, ସେଗୁଡ଼ିକ ଆଉ ଫେରିଲା ନାହିଁ। ଏବେ ବି ବିଚ୍ଛିନ୍ନାଞ୍ଚଳର ଉନ୍ନତି କଲ୍ପେ ଓ ସର୍ବାଙ୍ଗୀନ ମିଶ୍ରଣ ଦିଗରେ 'ମଧୁବାହିନୀ' ଏବେ ବି ଆଶାବାଦୀ।ଏହି ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ତତ୍କାଳୀନ ବଙ୍ଗପ୍ରଦେଶ ଅନ୍ତର୍ଗତ ଓଡ଼ିଶା ଡିଭିଜନ, ମାନ୍ଦ୍ରାଜ ଶାସିତ ଗଞ୍ଜାମ ଓ ମଧ୍ୟପ୍ରଦେଶ ଅଧିକୃତ ସମ୍ବଲପୁରର ଅଧିବାସୀମାନଙ୍କ ସମପରିମାଣର ଅବଦାନ ରହିଛି। ଏଥପାଇଁ ଉତ୍କଳ ସମ୍ମିଳନୀ ଓ କୁଳବୃଦ୍ଧ ମଧୁସୂଦନ ଦାସ ପ୍ରମୁଖ ନେତୃବୃନ୍ଦଙ୍କ ତୁଲ୍ୟ ରାଜା ବାହାଦୂର ରାଜେନ୍ଦ୍ର ନାରାୟଣ ଭଂଜଦେଓ, ଶ୍ରୀରାମଚନ୍ଦ୍ର ଭଂଜଦେଓ, ହରିହର ସିଂହ ମର୍ଦ୍ଦରାଜ ଦେବ, ବିଶେଷ ଭାବେ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବ ଯେଉଁ ପରିମାଣରେ ସଂଗ୍ରାମ କରୁଥିଲେ, ତଦ୍ରୂପ ପଶ୍ଚାତ୍ ଭାଗରୁ ଢେଙ୍କାନାଳର ଯୁବଜ୍ୟୋତି ଶ୍ରୀମାଗୁଣି ଚରଣ ସାହୁ, ଯୁବ ବିପ୍ଳବୀ ଶ୍ରୀ ବୈଷ୍ଣବ ଚରଣ ପଟ୍ଟନାୟକ, ଉତ୍କଳଜ୍ୟୋତି ଚନ୍ଦ୍ରଶେଖର ବେହେରା, କବି ଗଙ୍ଗାଧର ମେହେର, ପଞ୍ଚସଖା ବଳଭଦ୍ର ସୂପକାର, ମହନ୍ତ ବିହାରି ଦାସ, ବ୍ରଜମୋହନ ପଟ୍ଟନାୟକ, ମଦନମୋହନ ସାହୁ ଓ ଶ୍ରୀପତି ମିଶ୍ର ପ୍ରମୁଖ ସମ୍ବଲପୁରବାସୀ ଅନୁରୂପ ସଂଘର୍ଷ ଓ ଆନ୍ଦୋଳନ ଚଳାଇ ଥିଲେ। ଏ ସଂପର୍କୀୟ ପୃଷ୍ଠଭୂମିରେ ସମ୍ୟକ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏଉତ୍କଳ ପ୍ରସଙ୍ଗ ଦିଗରେ ସର୍ବପ୍ରଥମେ ଗଞ୍ଜାମବାସୀମାନେ ସର୍ବାଧିକ କାଳ ସଂଘର୍ଷ କରି ୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶକୁ ଚୂଡ଼ାନ୍ତ ରୂପ ଦେବାରେ ସହାୟକ ହୋଇଥିଲେ। ସେହିପରି ସମ୍ବଲପୁରବାସୀ ଊନବିଂଶ ଶତାବ୍ଦୀ ଶେଷ ଭାଗ ଓ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ନିଜ ଜିଲ୍ଲାରେ ହିନ୍ଦୀଭାଷା ପ୍ରଚଳନ ବିରୁଦ୍ଧରେ ଓ ଓଡ଼ିଶା ସହ ସମ୍ବଲପୁରର ମିଶ୍ରଣ ସପକ୍ଷରେ ଦୀର୍ଘ ପ୍ରାୟ ଦଶବର୍ଷ ଆନ୍ଦୋଳନ ଚଳାଇଥିଲେ। ସେମାନେ ୧୯୦୩ ମସିହା ପ୍ରାରମ୍ଭରୁ ସ୍ୱୀୟ ମାତୃଭାଷାର ପୁନଃପ୍ରତିଷ୍ଠା କରାଇବା ସଂଗେସଂଗେ ୧୯୦୫ ମସିହା ଅକ୍ଟୋବର ୧୬ ତାରିଖରେ ଓଡ଼ିଶା ସହ ସମ୍ବଲପୁରର ମିଶ୍ରଣ ଘଟାଇ ସ୍ୱତନ୍ତ୍ର ପ୍ରଦେଶ ହେବା ଦିଗରେ ରହିଥିବା ବାଧା ଦୂର କରି ଦେଇଥିଲେ ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନର ରୁଦ୍ଧଦ୍ୱାର ଉନ୍ମୋଚନ ପୂର୍ବକ ଏକ ମାର୍ଗ ଦର୍ଶନ କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସାମ୍ବଲପୁରର ଏହି ଓଡ଼ିଆ ଆନ୍ଦୋଳନ ବ୍ରିଟିଶ୍ ଶାସକ ବର୍ଗଙ୍କ ମନରେ ଏପରି ରେଖାପାତ କଲା ଯେ, ସେମାନେ ସେତେବେଳେ ଓଡ଼ିଶା ସମେତ ଭାରତରେ ଅଯୌକ୍ତିକ ଭାବେ ହସ୍ତଗତ କରିଥିବା କେତେକ ପ୍ରଦେଶର ବାସ୍ତବିକ ସମସ୍ୟା ପ୍ରତି ସଚେତନ ହୋଇଥିଲା ଏବଂ ତର୍କ ସଂଗତଭାବେ ସେଗୁଡ଼ିକର ପୁନର୍ଗଠନେ କରିବାର ଆବଶ୍ୟକତା ଉପଲବ୍ଧ କରିଥିଲା। ଏଥିପାଇଁ ଶାସକ ବର୍ଗଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେବାକୁ ପଡ଼ିଥିଲା। ଏହାଫଳରେ ପରବର୍ତ୍ତୀ କେତେକ ବର୍ଷ ମଧ୍ୟରେ ଅନେକ ମହତ୍ୱପୂର୍ଣ୍ଣ ଐତିହାସିକ ଘଟଣା ପ୍ରବାହର ଉଦ୍ଭବ ହୋଇଥିଲା। ତା'ମଧ୍ୟରେ ୧୯୦୫ର ବଙ୍ଗ ବିଭାଜନ ଅନ୍ୟତମ, ସୁତରାଂ ଏସବୁର ବିଶଦ ଆଲୋଚନା ପର୍ଯ୍ୟାଲୋଚନା କରାଯିବା ଆବଶ୍ୟକ।

ଇଂରେଜମାନଙ୍କ ଓଡ଼ିଶା ଦଖଲ ମଧ୍ୟରେ ୧୭୦୮ରେ ମେଦିନୀପୁର ଅଧିକାର ସର୍ବପ୍ରଥମ ଘଟଣା। ଏହାପରେ ସେମାନେ ୧୭୭୦ ଦଶକରେ ପ୍ରଥମ ଭାଗରେ ଗଞ୍ଜାମ ଏବଂ ୧୮୦୩ରେ କ୍ରମାନ୍ୱୟରେ ବାଲେଶ୍ୱର, ପୁରୀ ଓ କଟକ ହସ୍ତଗତ କରିଥିଲେ। ମେଦିନୀପୁର ଅଧିକାର କରିବା ପରେ ତାଙ୍କୁ ବଙ୍ଗପ୍ରଦେଶ ଅଧୀନରେ ରଖାଯାଇଥିଲା। ବ୍ରିଟିଶ୍ ହୁକୁମତର କୂଟନୀତି ଦୃଷ୍ଟିରୁ, ଅବଶ୍ୟ ପରେ ୧୮୨୯ରୁ ୧୮୫୪ ପର୍ଯ୍ୟନ୍ତ ଏହାକୁ ଓଡ଼ିଶା ସହ ସଂଯୋଗ କରି ରଖାଯାଇଥିଲା, ମାତ୍ର ପୁନର୍ବାର ବଙ୍ଗ ଶାସନାଧୀନରେ ରଖାଗଲା। ଏହି ଓଡ଼ିଶା ଭାଷୀ ଜିଲ୍ଲାର ଓଡ଼ିଆମାନଙ୍କର ସଂଖ୍ୟା ନ୍ୟୁନ କରି ଦର୍ଶାଇବା ନିମନ୍ତେ କ୍ରମାଗତ ଉଦ୍ୟମ ଓ ଚକ୍ରାନ୍ତ କରାଯାଇଥିଲା ଏବଂ ଏଥିପାଇଁ ସେଠାରେ ଜୋର୍ ଜବରଦସ୍ତ ଓଡ଼ିଆଭାଷା ଉଠାଇ ବଙ୍ଗଳା ଭାଷା ପ୍ରଚଳନର ବ୍ୟବସ୍ଥା ଫଳରେ, ସେଠାରେ ଓଡ଼ିଆଭାଷୀମାନେ ଅଗତ୍ୟା ବଙ୍ଗାଳୀରେ ପରିଣତ ହୋଇପଡ଼ିଲେ ଏବଂ ମେଦିନୀପୁର ପରେ ଆଉ ଓଡ଼ିଶା ସହ ମିଶିବା ସମ୍ଭବ ହେଲାନାହିଁ। ତେଣେ ଗଞ୍ଜାମ ଜିଲ୍ଲାକୁ ଇଂରେଜମାନେ ପ୍ରାରମ୍ଭରୁ ମାନ୍ଦ୍ରାଜ ପ୍ରଦେଶର ଶାସନାଧୀନରେ ରଖିଥିଲେ। ସର୍ବପ୍ରଥମେ ଏହି ଜିଲ୍ଲାରେ ହିଁ ୧୮୭୦ ମସିହାରେ ଓଡ଼ିଶାର ଦେଶ ମିଶ୍ରଣ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ମାତ୍ର ତତ୍କାଳୀନ ରାଜନୈତିକ ଓ ପ୍ରଶାସନିକ ଅବସ୍ଥା ତଥା ତୈଲିଙ୍ଗୀ ନେତୃବୃନ୍ଦଙ୍କ ପ୍ରତିକୂଳ ମନୋଭାବ ଯୋଗୁଁ ତାହା ସଫଳ ହୋଇପାରି ନଥିଲା। କଟକ ଓ ବାଲେଶ୍ୱର ଜିଲ୍ଲାରେ ୧୮୬୮ରୁ ୧୮୭୦ ମଧ୍ୟରେ ମେଦିନୀପୁର ପରି ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରବର୍ତ୍ତନ କରାଯିବା ଅଭିଯାନ କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ବର୍ଗୀୟଙ୍କ ଦ୍ୱାରା ଚାଲିଥିଲା। ୧୮୬୮ ମସିହା ଡିସେମ୍ବର ମାସରେ କଟକ ଡିବେଟିଂ ସୋସାଇଟିରେ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ରାଜେନ୍ଦ୍ରଲାଲ ମିତ୍ରଙ୍କ ବଙ୍ଗଳା ଭାଷା ସହ ଓଡ଼ିଆ ଭାଷାର ମିଶ୍ରଣ ଉପରେ ପ୍ରଦର ଭାଷଣ ଏବଂ ୧୮୭୦ରେ ବାଲେଶ୍ୱରର ଶ୍ରୀ କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଉଡ଼ିୟା ଏକ ସ୍ୱତନ୍ତ୍ର ଭାଷା ନୟ' ଶୀର୍ଷକ ପୁସ୍ତକ ଜରିଆରେ ଓଡ଼ିଆ ଭାଷା ଉଚ୍ଛେଦର ପ୍ରୟାସ ରକ୍ତ ଓଡ଼ିଆ ଭାଷା ଆନ୍ଦୋଳନକୁ ତୀବ୍ରତର କରିଥିଲା, ମାତ୍ର ଏହା ବିରୋଧରେ ଶ୍ରୀ ଗୌରୀଶଙ୍କର ରାୟ ଉତ୍କଳଗୌରବ ମଧୁସୂଦନ, ବିଚିତ୍ରାନନ୍ଦ ଦାସ, ଫକୀରମୋହନ (ବ୍ୟାସକବି) ପ୍ରମୁଖ ନେତୃବୃନ୍ଦଙ୍କ ଦୃଢ଼ ସ୍ୱରଉତ୍ତୋଳନ ସହିତ କଲେକ୍ଟର ଜନ୍ ବିମସ୍ ଓ ସ୍କୁଲ ଇନିସ୍ପେକ୍ଟର ଭୂଦେବ ସୁଖୋପାଧ୍ୟାୟଙ୍କ ପରି ବିଜ୍ଞ ବ୍ୟକ୍ତିଙ୍କର ଓଡ଼ିଆ ଭାଷା ସପକ୍ଷରେ ଅନର୍ଗଳ ମତପ୍ରଦାନ ଯୋଗୁଁ ବଙ୍ଗୀୟମାନଙ୍କର ସେହି ହୀନ ଉଦ୍ୟମ ପଣ୍ଡ ହୋଇଥିଲା। ପରେ ୧୮୭୩ରେ ଗଞ୍ଜାମ ଜିଲ୍ଲାରେ ଓଡ଼ିଆ ଭାଷା ପରିବର୍ତ୍ତେ ସରକାରୀସ୍ତରରେ ତେଲୁଗୁ ଭାଷା ପ୍ରବର୍ତ୍ତନ କରାଯାଇଥିଲା ଏବଂ ଏହା ବିରୋଧରେ ଗଞ୍ଜାମବାସୀ ଦୀର୍ଘକାଳ ଆନ୍ଦୋଳନ ଚଳାଇବା ଫଳରେ ଶେଷରେ ୧୮୯୦ ମସିହାରେ ସେଠାରେ ଓଡ଼ିଆ ଭାଷା ପୁନଃ ପ୍ରତିଷ୍ଠିତ ହୋଇଥିଲା। କେତେକ ଗବେଷକ ଅଭିମତ ଦେଇଛନ୍ତି ଯେ, ଉତ୍କଳ ଅଞ୍ଚଳର ସେହି ଭାଷା ଆନ୍ଦୋଳନ ଓଡ଼ିଆ ଭାଷାର ଜନତିକ ହିଁ ଉଦ୍ଦିଷ୍ଟ ଥିଲା। ଦେଶ ମିଶ୍ରଣ ଦିଗରେ ଅଭିପ୍ରେତ ନଥିଲା। ତାଙ୍କ ମତାନୁଯାୟୀ ସେହି ଭାଷା ଆନ୍ଦୋଳନ ସାମଗ୍ରିକ ଭାବେ ଓଡ଼ିଆ ଜାତି ମଧ୍ୟରେ ଜାତୀୟ ଚେତନା ଜାଗରଣରେ କିମ୍ବା ଉପାନ୍ତ ଓଡ଼ିଆ ଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ଛାତିକୁ ପ୍ରେରଣା ଦେଇନଥିଲା। ମାତ୍ର ପରବର୍ତ୍ତୀ କାଳରେ ୧୮୯୫ରେ ମଧ୍ୟପ୍ରଦେଶ ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷା ଉଠାଇ ହିନ୍ଦୀ ଭାଷା ପ୍ରବର୍ତ୍ତନ ଆଦେଶ ବାହାରିବା ପରେ ପ୍ରତିକ୍ରିୟା ସ୍ୱରୂପ ସେଠାରେ ଭାଷା ସୂତ୍ରରେ ଦେଶ ମିଶ୍ରଣ ପାଇଁ ଯେଉଁ ଆନ୍ଦୋଳନ ଚାଲି ଥିଲା, ଶେଷରେ ଓଡ଼ିଆ ଭାଷାର ପୁନଃପୁଟି ଏ କରାଯାଇପାରିଥିଲା। ଉକ୍ତ ଘଟଣା ଓଡ଼ିଆ ଜାତିର ପ୍ରାଣ କେନ୍ଦ୍ରକୁ ଆଲୋଡ଼ିତ କରିପକାଇଥିଲା। ଏହାର ସୁଦୂରପ୍ରସାରୀ ପ୍ରଭାବ ମଧ୍ୟ ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳରେ ତୀବ୍ର ରୂପ ଅନୁଭୂତ ହୋଇଥିଲା। ଏହାପରେ ଗଂଜାମବାସୀଙ୍କ ଓଡ଼ିଶା ସହିତ ମିଶିବା ପାଇଁ ବ୍ୟାକୁଳତା ପ୍ରକାଶ ପାଇଥିଲା ଏବଂ ସେମାନେ ଅନୁପ୍ରାଣିତ ହୋଇ ଦେଶ ମିଶ୍ରଣ ଆନ୍ଦୋଳନ ବ୍ୟାପକ କରିବା ନିମନ୍ତେ ୧୯୦୫ ଏପ୍ରି କରେ ବ୍ରହ୍ମପୁରଠାରେ ଉତ୍କଳୀୟମାନଙ୍କ ଏକ ସମ୍ମିଳନୀ ଆୟୋଜନ କରିଥିଲେ। ଯହିଁରେ କଟକର ମଧୁସୂଦନ ପୁରୋଧା, ମୁଖ୍ୟ ପ୍ରବନ୍ଧକଓ ପ୍ରବର୍ତ୍ତକର କାର୍ଯ୍ୟ ତୁଲାଇ ଥିଲେ। ଜାତୀୟ ଜାଗରଣ ବ୍ୟାପକ କରିବା ଦିଗରେ ସମ୍ବଲପୁରର ଅବଦାନ ଓ ଜାତୀୟ ସମ୍ମିଳନୀ ଗଠନ ଦିଗରେ ଗଡ଼ଜାତ ମିଶ୍ରଣ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା ଢେଙ୍କାନାଳର ଯୁବ ବିପ୍ଳବୀ ଦ୍ୱୟ ଶ୍ରୀ ବୈଷ୍ଣବ ଚରଣ ପଟ୍ଟନାୟକ ଓ ଶ୍ରୀ ମାଗୁଣି ଚରଣ ସାହୁ, ସମ୍ବଲପୁରର ଉତ୍କଳ ଜ୍ୟୋତି ଚନ୍ଦ୍ରଶେଖର ବେହେରା, କବି ଗଙ୍ଗାଧର ମେହେର, ପଞ୍ଚସଖା ବଳଭଦ୍ର ସୂପକର, ବ୍ରଜ ପଟ୍ଟନାୟକ, ମଦନମୋହନ ମିଶ୍ର ଓ ଶ୍ରୀପତି ମିଶ୍ର ପ୍ରମୁଖଙ୍କ ଅବଦାନ ଓ ଜାତୀୟ ସମ୍ମିଳନୀ ଗଠନ ଦିଗରେ ଗଞ୍ଜାମ ଭୂମିକାର ଭୂୟସୀ ପ୍ରଶଂସା ଉତ୍କଳ ସମ୍ମିଳନୀର ସେହି ପ୍ରଥମ ଅଧିବେଶନରେ କରାଯାଇଥିଲା। କାରଣ ସମ୍ବଲପୁରରେ ଓଡ଼ିଆ ଭାଷାର ଉଚ୍ଛେଦ ଓ ହିନ୍ଦୀ ଭାଷାର ପ୍ରଚଳନ ପ୍ରଥମେ ଢେଙ୍କାନାଳବାସୀଙ୍କୁ ବ୍ୟାକୁଳିତ କରିଥିଲା। ନିଜ ଜାତୀୟତା ଓ ଭାଷାର ସଂରକ୍ଷଣ ହିଁ ଏହି ଆନ୍ଦୋଳନର ପ୍ରଧାନ ଲକ୍ଷ୍ୟ ଥିଲା। 'ଭାଷା ସୂତ୍ରରେ ପ୍ରଦେଶ ଗଠନ' ସ୍ଲୋଗାନର ସୂତ୍ରପାତ ପ୍ରଥମେ ମଧୁବାବୁ ହିଁ କରିଥିଲେ। ସମ୍ବଲପୁରରୁ କେତେ ଦିନ ପୂର୍ବେ ଯେତେବେଳେ କଚେରୀମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ଚାଲିଲା, ସେତେବେଳେ ସମ୍ବଲପୁରର ଓଡ଼ିଆମାନେ କାନ୍ଦି ଉଠିଲେ, କାନ୍ଦିବା ସ୍ୱାଭାବିକ, କାରଣ ଗୋଟିଏ ଗୋଟିଏ ରଣକୁଶଳୀ ପରିପୁଷ୍ଟ ଜାତିର ଭାଷାକୁ ବଳତ୍କାରରେ ଅଥବା ଚକ୍ରାନ୍ତରେ ଛଡ଼ାଇ ନେବା ଅର୍ଥ ଏକ ମଣିଷର ଦେହରୁ ତା'ର ହୃଦୟକୁ ବାହାର କରିନେବା ସଂଗେ ସମାନ। ସେଥିପାଇଁ ଉତ୍କଳବ୍ୟାପି ଉତ୍କଳୀୟଙ୍କ ହୃଦୟରେ ହାହାକାର ପଡ଼ିଗଲା। ପରିଶେଷରେ ଓଡ଼ିଶାର ଭାଇମାନଙ୍କ ଦୃଢ଼ଚେଷ୍ଟା, ମନରେ ଦୁଃଖ ଓ ସହାନୁଭୂତି ଫଳରେ ଅବା ଭଗବାନଙ୍କ ଅନୁଗ୍ରହରୁ ବଙ୍ଗଳାର ଛୋଟଲାଟ ଆଣ୍ଡ ଫ୍ରେଜର ଯେ କି ସେସମୟରେ ମଧ୍ୟପ୍ରଦେଶର ଭାଗ୍ୟବିଧାତା ରୂପେ ଠିଆ ହୋଇଥିଲେ ଏବଂ ଓଡ଼ିଶାବାସୀମାନଙ୍କୁ ଅଭୟ ଦେଇ ଓଡ଼ିଆ ଭାଷାକୁ ସମ୍ବଲପୁର କଚେରୀମାନଙ୍କରେ ଚଳାଇଲେ, ସେତେବେଳେ ମୃତପ୍ରାୟ ଓଡ଼ିଆ ଭାଷା ଓ ଜାତି ପୁନର୍ବାର ଜୀଇଁ ଉଠିଲା। ଆମ୍ଭେମାନେ ବିଚାରୁଛୁ ସେହିଦିନଠାରୁ ଉତ୍କଳୀୟମାନଙ୍କ ନବଯୁଗର ସୂର୍ଯ୍ୟୋଦୟ ହେଲା। କେତେଦିନ ପରେ ଗଞ୍ଜାମର ଭାଇମାନେ ବ୍ରହ୍ମପୁରଠାରେ ଏକ ଶୁଭ ବେଳାର ସଂଧିକ୍ଷଣରେ ଗୋଟିଏ ଜାତୀୟ ମେଳାର ସୂତ୍ରପାତ କଲେ। ଯଦିନ ପୂର୍ବଘଟଣା (ସମ୍ବଲପୁର ଭାଷା ଆନ୍ଦୋଳନ)ରେ ଜାତୀୟ ଯୁଗ ପ୍ରଭାତର ଆଗାମୀ ସୂଚନା ଦେଇ ସାରିଥିଲେ। ବ୍ରହ୍ମପୁର ଜାତୀୟ ସମ୍ମିଳନୀ ସତ୍ତା ସ୍ଥାପନର ଏହା ଚଳ୍ପନା ଥିଲା। ଆଜି ଯେଉଁ ଜାତୀୟ ଭାବ ଉତ୍କଳରେ ଦେଖାଦେଇଛି ସେଥନିମନ୍ତେ ଆମ୍ଭେମାନେ ସମ୍ବଲପୁର ଓ ଗଞ୍ଜାମବାସୀ ଭାଇମାନଙ୍କଠାରେ ଅନେକ ପରିମାଣରେ ଋଣୀ। ଏହି ପରିପ୍ରେକ୍ଷୀରେ କୌଣସି ଜାତି ପକ୍ଷରେ ୫୦ ବର୍ଷ ସମୟକାଳ କମ୍ ନୁହେଁ। ଏହାପୂର୍ବରୁ ବିଗତ ଦୁଇଶତାବ୍ଦୀ ଧରି ବିଦେଶୀ ଶାସନର ଅତ୍ୟାଚାରରେ ଜର୍ଜରିତ ଓ ଅତିଷ୍ଠ ହୋଇ ଏହି ଜାତି ଶୃଙ୍ଖଳା ମୁକ୍ତ ହେବାଲାଗି ପ୍ରୟାସୀ ହୋଇଉଠିଲା ଓ ନିଜକୁ ସ୍ୱତନ୍ତ୍ର ଭାବେ ପ୍ରତିଷ୍ଠିତ କରିବା ପାଇଁ ଦୃଢ଼ ସ୍ୱର ଉତ୍ତୋଳନ କଲା। ଏହି ପରିପ୍ରେକ୍ଷୀରେ ଅପ୍ରେଲ ୨୦୦୬ ରାଜ୍ୟର ଅର୍ଦ୍ଧଶତାବ୍ଦୀର ବିକାଶ ଓ ଅଗ୍ରଗତି ଧାରାକୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରବେଶରେ ପରିଣତ ହେବା ପରଠାରୁ ବିଗତ ପାଞ୍ଚ ଦଶନ୍ଧି ଧରି ବିଭିନ୍ନ କ୍ଷେତ୍ରରେ ସାଫଲ୍ୟ ଓ ଅଗ୍ରଗତି ହାସଲ କରିଛି। ତଥାପି ଅନେକ କାର୍ଯ୍ୟ କରିବାକୁ ବାକି ରହିଛି। ଜାତୀୟ ପୁନର୍ଗଠନ ବିଷୟରେ ଚିନ୍ତାକଲେ ଏଥିରେ ସମସ୍ତେ ଏକମତ ହେବେ ଯେ, ଏହି କାର୍ଯ୍ୟ ଏପରି ଏକ ଦୁରୂହ ଓ କଷ୍ଟସାଧ୍ୟ କାର୍ଯ୍ୟ ଯେ, ଏହାର ପରିସମାପ୍ତି ଏତେଶୀଘ୍ର ସମ୍ଭବ ନୁହେଁ। ଏହା ଆମ ପାଇଁ ଏକ ଗୁରୁଦାୟିତ୍ୱ ଓ ଯୁବଶକ୍ତି ପାଇଁ ଆହ୍ୱାନ ମଧ୍ୟ। ଯେତେଦିନ ପର୍ଯ୍ୟନ୍ତ ଆମେ ଅଗଣିତ ଦରିଦ୍ରଙ୍କ ଚକ୍ଷୁରୁ ଅଶ୍ରୁମୋଚନ କରିପାରିନାହୁଁ ସେତେଦିନ ପର୍ଯ୍ୟନ୍ତ ଜାତୀୟ ପୁନର୍ଗଠନ ତଥା ଜାତି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଅବ୍ୟାହତ ରଖିବାକୁ ପଡ଼ିବ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସୁବର୍ଣ୍ଣ ଜୟନ୍ତୀ ଅତିକ୍ରାନ୍ତ ଅବସରରେ ଏତିକି ନିଃସନ୍ଦେହରେ କୁହାଯାଇପାରେ ଯେ, ଜାତୀୟ ପୁନର୍ଗଠନ ତଥା ସ୍ୱତନ୍ତ୍ରେ ବଳିଷ୍ଠ ଓ ସମୃଦ୍ଧ ଓଡ଼ିଶା ଗଠନ ଲାଗି ଜାତୀୟ ବୀର, ସ୍ୱାଧୀନତା ସଂଗ୍ରାମୀ ଓ ଅମର ଶହୀଦଗଣ ଯେଉଁ ଅପୂର୍ବ ତ୍ୟାଗ ବୀରତ୍ୱ ଓ ସାହସ ପ୍ରବର୍ତ୍ତନ କରିଯାଇଛନ୍ତି, ତାହା ପ୍ରଗତିର ଜୟଯାତ୍ରାରେ ଆଲୋକବର୍ତ୍ତିକା ଭଳି ନୂତନ ଆଲୋକର ସନ୍ଧାନ ଦେବ ତଥା ଦିଗ୍‌ଦର୍ଶନ ଦେବା ସଂଗେ ସଂଗେ ପ୍ରଗତିର ବେଗକୁ ଅବ୍ୟାହତ ରଖିବା ପାଇଁ ପ୍ରଗତିର ତୀଖ ରାସ୍ତାରେ ବିଶ୍ରାମ ନେବାର ମୁହୂର୍ତ୍ତ ମାତ୍ରେ ଅବକାଶ ନାହିଁ ବୋଲି ବୁହାଇ ବୁହାଇ ସ୍ମରଣ କରାଇ ଦେବା ସଂଗେସଂଗେ ପ୍ରେରଣାପ୍ରଦ ତଥା ଆମକୁ ଆମର ଦାୟିତ୍ୱବୋଧ ସଂପର୍କରେ ନିଶ୍ଚିତ ଭାବେ ସଚେତନ କରାଇବ। ଓଡ଼ିଶାର ସେହି ବୀର ସାହସୀ ଓ କୃତୀ ସନ୍ତାନଗଣ ଯେଉଁମାନଙ୍କର ଅସୀମ ତ୍ୟାଗ, ନିଶା, ଅକୁଣ୍ଠ ଶ୍ରମ ଓ କଷ୍ଟ ସ୍ୱୀକାର ବଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହୋଇପାରିଲା, ସେହି ବରପୁତ୍ରମାନଙ୍କ ମହନୀୟ ଆତ୍ମାର ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସୁବର୍ଣ୍ଣ ଜୟନ୍ତୀ ପାଳନର ଏହି ଶୁଭ ଅବସରରେ 'ମଧୁବାହିନୀ' ଅନୁଷ୍ଠାନ ସେହି ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ବିନମ୍ର ପ୍ରଣତି ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆଜିର ଦିନରେ ଓଡ଼ିଆ ଜାତି ମଧ୍ୟରେ ସ୍ଥାଣୁତ୍ୱ ଓ ପରଶ୍ରୀକାତରତା, ପରସିଂସା ପ୍ରକାଶ ପାଇବାରେ ଲାଗିଲାଣି। ଆସନ୍ତୁ ଆଜିର ପବିତ୍ର ଦିନରେ 'ମଧୁବାହିନୀ' ସହିତ ହାତକୁ ହାତ ମିଳାଇ ଜାତିର ଉତ୍‌ଥାନ ଓ ଜାତୀୟ ଚୈତନ୍ୟ ଉଦୟ କରିବା ପାଇଁ ଜାତୀୟ କ୍ରାନ୍ତି ପଥରେ ପୁଷ୍ପିତ ପଥ ସୃଷ୍ଟି କରିବାରେ ସହାୟକ ହେବା, ଏହା ହିଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସୁବର୍ଣ୍ଣ ଜୟନ୍ତୀର ସ୍ୱର୍ଣ୍ଣମୟ ଅବସରରେ ଆମର ଏତିକି କାମନା।

**ସାଧାରଣ ସଂପାଦକ**
**'ମଧୁବାହିନୀ'', ଓଡ଼ିଶା**
**'ସାଧବ ନିଳୟ', ମଂଗଳାବାଗ, କଟକ-୧**

# ମାଗଣା ଖିଆ ଆଉ ମାଗଣା ଦିଆ ସଂସ୍କୃତି

**ଡ. ମୃଣାଳ ଚାଟାର୍ଜୀ**

ଭାରତରେ ନିର୍ବାଚନବେଳେ ପ୍ରାର୍ଥୀମାନେ ଭୋଟରମାନଙ୍କୁ 'ହାତି ନେ, ଘୋଡ଼ା ନେ ମୋ ପେଁକାଳି ବଜେଇ ଦେ' ବୋଲି କହନ୍ତି। ହେଲେ ରେକର୍ଡ କରିଦେଲେ ମାର୍ଚ୍ଚ ୨୦୨୧ରେ ତାମିଲନାଡୁର ମଦୁରାଇ ଦକ୍ଷିଣ ବିଧାନସଭା ନିର୍ବାଚନ ମଣ୍ଡଳୀର ଜଣେ ପ୍ରାର୍ଥୀ। ସେ କହିଲେ, ଯେଉଁ ପରିବାର ତାଙ୍କୁ ଭୋଟ ଦେବେ ତାକୁ ସେ କୋଟିଏ ଟଙ୍କା ଆଉ ୨୦ ଲକ୍ଷ ଟଙ୍କାର ଗୋଟେ କାର୍ ଦେବେ। ପ୍ରତି ଘରକୁ ସେ ଘରୋଇ କାମ କରିବା ପାଇଁ ଗୋଟେ ଗୋଟେ ରୋବଟ୍ ଦେବେ। ପ୍ରତି ତରୁଣକୁ ବ୍ୟବସାୟ ଆରମ୍ଭ କରିବାପାଇଁ କୋଟିଏ ଟଙ୍କା ଦେବେ ଆଉ ଜହ୍ନକୁ ୧୦୦ ଦିନ ଯିବାପାଇଁ ଖର୍ଚ୍ଚଦେବେ। ଘର ଥଣ୍ଡା କରିବା ପାଇଁ ପ୍ରତ୍ୟେକ ଘରକୁ ୩୦୦ ଫୁଟର ଗୋଟେ ଆର୍ଟିଫିସିଆଲ ଗ୍ଲେସିଅର (କୃତିମ ବରଫ ଖଣ୍ଡ) ଦେବେ।

ପ୍ରାର୍ଥୀଙ୍କ ଏମିତି କଥାରେ ଅନେକେ ହସିଲେ, ଅନେକେ ଥଟ୍ଟା ବି କଲେ: ହେଃ! ବାହାପିଆଟା! ଏମିତି କଣ କେହି କେବେ ଦେଇପାରେ!

କିନ୍ତୁ ଲକ୍ଷ୍ୟ କଲେ ଦେଖିବେ, କ୍ରମଶଃ ଆମ ସମାଜରେ, ରାଜନୀତିରେ, ବିଶେଷକରି ଭୋଟବେଳେ 'ମାଗଣାଦିଆ ଆଉ ମାଗଣାଖିଆ' ବଢ଼ି ବଢ଼ି ଚାଲିଛି। ଏହା କ୍ରମଶଃ ଭାରତୀୟ ରାଜନୀତିର ଏକ ଅଙ୍ଗ ହୋଇଗଲାଣି।

୧୯୬୭ରେ ଡି.ଏମ.କେ.ର ପ୍ରତିଷ୍ଠାତା ସି.ଏନ. ଆନ୍ନାଦୁରାଇ କହିଲେ ଟଙ୍କାକରେ ସାଢ଼େ ଚାରିକିଲୋ ଚାଉଳ ଦେବେ। ପରବର୍ତ୍ତି ସମୟରେ ସେ ଟଙ୍କାଏରେ କିଲେ ଚାଉଳ ଦେଲେ କିନ୍ତୁ ଏହା ତାଙ୍କୁ ବିପୁଳ ଭାବରେ ନିର୍ବାଚନରେ ଜୟଯୁକ୍ତ ହେବାରେ ସହାୟକ ହୋଇଥିଲା। ଥରେ ଯେତେବେଳେ ଏ କାର୍ଯ୍ୟକ୍ରମ ଚାଲିଲା ତାପରେ କ୍ରମଶଃ ଧୀରେ ଧୀରେ ଏ କାର୍ଯ୍ୟକ୍ରମ ଉଭୟ ସଂଖ୍ୟା ଏବଂ ସ୍ଥାନରେ ବଢ଼ି ଚାଲିଲା। ଏବେ ଓଡିଶା ସମେତ ଭାରତର ବିଭିନ୍ନ ଜାଗାରେ ଚାଲିଛି। କ୍ରମଶଃ ଏ ମାଗଣା ଦେବା କେବଳ ଚାଉଳ ବା ଖାଦ୍ୟଦ୍ରବ୍ୟରେ ଆଉ ସୀମିତ ହୋଇ ରହିଲା ନାହିଁ। କ୍ରମଶଃ ଶାଢ଼ୀ, ଧୋତି, ଜୋତା, ଛତାଠୁଁ ଗ୍ୟାସ ସିଲିଣ୍ଡର, କଲର ଟିଭି, ଲ୍ୟାପଟପ୍, ମୋବାଇଲ୍- ଇତ୍ୟାଦି ବହୁ ଜିନିଷ ଦିଆଯାଉଛି ସାରା ଭାରତରେ।

କେତେକ ରାଜ୍ୟ ସରକାର ଲୋକଙ୍କୁ ରିହାତି ଦରରେ ବା ମାଗଣା ବିଜୁଳି ଦେବା, ବସ୍ ଯାତ୍ରାରେ ରିହାତି ଦେବା ଦେବା ଆରମ୍ଭ କଲେ। ତା'ପରେ ଆରମ୍ଭ ହେଲା ବ୍ୟାଙ୍କ ଋଣ ଛାଡ କରିବା। ଏବେ ଅବସ୍ଥା ଏମିତି ହୋଇଛି, ଓଡ଼ିଶା ସମେତ ବହୁ ରାଜ୍ୟରେ ଜନ୍ମ ପୂର୍ବରୁ ମୃତ୍ୟୁ ଯାଏଁ ଲୋକଙ୍କୁ ମାଗଣା ଜିନିଷ ଏବଂ/କିମ୍ବା ସେବା/ ସୁବିଧାମାନ ଦିଆଯାଉଛି।

ଲୋକମାନଙ୍କୁ ବିନା ମୂଲ୍ୟରେ କିଛି ଜିନିଷ ବା ସେବା/ସୁବିଧା ଦେବା ବିଷୟଟିକୁ ଦୁଇଟି ବାଟରେ ଦେଖାଯାଇପାରେ। ଗୋଟିଏ ଯୁକ୍ତି ହୋଇପାରେ ଯେ ରାଜକୋଷକୁ ଅର୍ଥ ଆସୁଛି ଜନସାଧାରଣଙ୍କଠୁଁ। ସରକାର ଯଦି ଜନସାଧାରଣଙ୍କ କଲ୍ୟାଣ ପାଇଁ, ତାଙ୍କ ସ୍ୱାର୍ଥରେ ଏହାକୁ ବିନିଯୋଗ କରନ୍ତି, ତେବେ ଏଥିରେ



ଡ. ମୃଣାଳ ଚାଟାର୍ଜୀ

କ୍ଷତି କ'ଣ? ଏ ଦୃଷ୍ଟିରୁ ଦେଖିଲେ ମାଗଣା ଜିନିଷ ବା ସେବା ପାଇବା ଲୋକମାନଙ୍କର ହକ୍ କାରଣ ତାଙ୍କରି ଟିକସ ପଇସାରେ ଏହା ଦିଆଯାଉଛି।

ଆର ଯୁକ୍ତିଟି ହେଲା: ଯେତେବେଳେ ସବୁଲୋକଙ୍କଠାରୁ ଟିକସ ଆଦାୟ କରାଯାଇ କିଛି ଲୋକଙ୍କୁ ମାଗଣାରେ ଜିନିଷ/ସେବା ଦିଆଯାଉଛି, ତାହାହେଲେ ନିଶ୍ଚିତ ଭାବରେ କିଛି ସଂଖ୍ୟକ ଲୋକଙ୍କ ଉପରେ ଚାପ ଅଧିକ ପଡୁଛି। ଏହା କଣ ନ୍ୟାୟସଙ୍ଗତ?

ଆଉ ଗୋଟିଏ ପ୍ରଶ୍ନ ହେଲା: ଯେଉଁମାନଙ୍କୁ ମାଗଣାରେ ଜିନିଷ ଦିଆ ଯାଉଛି ତାହା କେତେଦୂର ସେମାନଙ୍କର କଲ୍ୟାଣରେ ଲାଗୁଛି? ଏଠି ଜନକଲ୍ୟାଣର ଅବଧାରଣାଟିକୁ ଦେଖିବା ଦରକାର। ବରାବର ଟଙ୍କିକିଆ ଚାଉଳ ଦେବା ଭଲ ନାଁ ଚାଷିଟି କେମିତି ନିଜେ ନିଜ ଗୋଡ଼ରେ ଠିଆ ହୋଇ ଅଧିକ ଉତ୍ପାଦନ କରିପାରିବ ଏବଂ/କିମ୍ବା ଅଧିକ ଆୟ କରିପାରିବ ସେ ବ୍ୟବସ୍ଥା କରିବା ଭଲ? ଗୋଟେ ପ୍ରବାଦ ଅଛି କାହାକୁ ମାଛ ଦେବାଠାରୁ ମାଛ ଧରିବା ଶିଖେଇଦେବା ଭଲ କାରଣ ସେ ମାଛ ଧରି ତା ଜୀବନସାରା ଖାଇବ। ଆପଣ କେତେ ଦିନ ଜଣକୁ ଦେଇପାରିବେ?

ମାଗଣା ଜିନିଷ ପାଇଲେ ତା ଉପରେ ନିର୍ଭରଶୀଳତା ବଢ଼ିଯାଏ। ଗୋଟେ ସମୟରେ ତାହା ଲୋକ ନିଜର ହକ୍ ବୋଲି ଧରିବାପାଇଁ ଲାଗେ। ଯେତେଦିନ ପର୍ଯ୍ୟନ୍ତ ଆପଣ ବ୍ୟାଙ୍କ ଲୋନକୁ ମାଫ୍ କରିଦେଉଥିବେ ତା ପରବର୍ତ୍ତି ସମୟରେ ଲୋକ ଲୋନ ନେଲେ ତାକୁ ଫେରେଇବା ଚିନ୍ତାରେ ରହିବେ ନାହିଁ। କାରଣ ସେମାନେ ଆଶା କରିବେ (ପରବର୍ତ୍ତୀ ସମୟରେ ବିଶ୍ୱାସ କରିବେ) ଯେ କୌଣସି ନା କୌଣସି ସମୟରେ ସରକାର ଏ ଲୋନକୁ ଛାଡ଼ କରିଦେବେ। ଲୋନ ସୁଝିଦେଲେ ଲାଭ କ'ଣ? ଏହା ଫଳରେ ସଂପୁର୍ଣ୍ଣ ବ୍ୟାଙ୍କି ବ୍ୟବସ୍ଥା ଉପରେ ଏହାର ଏକ ନକାରାତ୍ମକ ପ୍ରଭାବ ପଡିବ। ମାଗଣା ସଂସ୍କୃତି ଯଦି ଦୀର୍ଘସ୍ଥାୟୀ ହୁଏ ତେବେ ତାହା କର୍ମ ସଂସ୍କୃତିକୁ ନଷ୍ଟ କରିଦିଏ। ଗୋଟେ ସଂପ୍ରଦାୟ/ଜାତିକୁ କ୍ରମଶଃ କର୍ମକୋଢ଼ି, ସେଠୁ ଅକର୍ମଣ୍ୟ ଏବଂ ଶେଷରେ ଭିକାରି କରିଦିଏ। କର୍ମସଂସ୍କୃତିର ଅବନତି ଯୋଗୁ ଦେଶର ଆର୍ତିକ ଓ ସାମାଜିକ ମାନ କ୍ରମଶଃ ତଳକୁ ତଳକୁ ଚାଲିଯାଏ।

ରାଜନୈତିକ ଦଳପାଇଁ ମାଗଣା ଦିଆ ଏବଂ ମାଗଣା ଖିଆ ଏ ଦୁଇଟିଯାକ ବଡ ସୁହାଏ। ଲୋକ ଯେତେ ପର୍ଯ୍ୟନ୍ତ ତାଙ୍କ ଉପରେ ସବୁ କଥାରେ ନିର୍ଭରଶୀଳ ଥିବେ, ସେତେପର୍ଯ୍ୟନ୍ତ ତାଙ୍କର ପ୍ରଭାବ ଓ କ୍ଷମତା ତା ଉପରେ ଅଧିକ ରହିବ। ତେଣୁ ଅଧିକାଂଶ ରାଜନୈତିକ ଦଳ କଥାରେ ଯାହା କୁହନ୍ତୁନା କାହିଁକି, ଆଚରଣରେ ମାଗଣା ଦେବାକୁ ସମର୍ଥନ କରନ୍ତି - ତାହା ଯେ କୌଣସି ବାଟରେ ହେଉ ନା କାହିଁକି!

ଏ ଅବସ୍ଥାରେ ଶୁଭବୁଦ୍ଧି ସଂପନ୍ନ କଥା ହେଲା: ମାଗଣା ଦେବାକୁ ସଂପୁର୍ଣ୍ଣ ବନ୍ଦ କରିବା ଉଚିତ୍ ହେବନାହିଁ। କିନ୍ତୁ ଏହାକୁ ସାହାଣମେଲା କରିବା ମଧ୍ୟ ଉଚିତ୍ ହେବନାହିଁ। ଏହାକୁ କେସ୍ ବାଇ କେସ୍ ବେସିସ୍ ବା ପ୍ରତ୍ୟେକକୁ ଭଲଭାବରେ ତଉଲି ତା ପରେ ଦବା ଦରକାର। ଏବଂ ଏହା ଅନାଦି ଅନନ୍ତକାଳ ଧରି ଚାଲିବା ଉଚିତ୍ ନୁହଁ। ଯେ କୌଣସି ଯୋଜନା ନିର୍ଦ୍ଦିଷ୍ଟ ଗୋଟେ ସମୟସୀମା ଭିତରେ ଶେଷ ହେବା କଥା। ତାଠାରୁ ଅଧିକ କଲେ ସେଥିରେ ହିତରୁ ଅହିତ ହେବାର ଆଶଙ୍କା ଅଧିକ।

# ଆସ ଓଡ଼ିଶାକୁ ଜାଣିବା

**ଚନ୍ଦ୍ରବିଜୟୀ ମିଶ୍ର**

**କଳିଙ୍ଗର ଅଭିଶପ୍ତ ରାଜା ନାଳିକିର :** ଖ୍ରୀ. ପୂ: ୯ମ ଶତକର କଥା, 'ସତ୍ତଭୁ' ସ୍ଥାପନ କରିଥିବା ରାଜବଂଶରେ ନାଳିକିର ନାମକ ରାଜା ଶାସନ କରୁଥିଲେ। ବୌଦ୍ଧଗ୍ରନ୍ଥ 'ମଜ୍ଝିମ୍ ନିକାୟ'ରେ ଏହି ନାଳିକିରଙ୍କ ସମ୍ବନ୍ଧେ କୁହାଯାଇଅଛି ଯେ- ବୁଦ୍ଧଙ୍କ ସମୟରେ ରାଜା ନାଳିକିରଙ୍କ କ୍ରିୟାକଳାପକୁ 'ଦୂର ଅତୀତର ପରମ୍ପରା' ବୋଲି ଲୋକମାନେ ମନେ କରୁଥିଲେ। ନାଳିକିର ଥିଲେ କଳିଙ୍ଗରେ ସ୍ଥାପିତ ସତ୍ତଭୁ ରାଜବଂଶର ଶେଷ ରାଜା। ସେ କିପରି ଜଣେ ସନ୍ୟାସୀଙ୍କ ଦ୍ୱାରା ଅଭିଶପ୍ତ ହେଲେ ଓ ଏହା କଳିଙ୍ଗ ରାଜ୍ୟକୁ ପତନାଭିମୂଖୀ କଲା- ସେ ସଂପର୍କିତ ରୋଚକ କାହାଣୀଟି ନିମ୍ନମତେ ବର୍ଣ୍ଣିତ-

ନାଳିକିରଙ୍କ ଶାସନ କାଳରେ ଏକଦା ଜଣେ ସନ୍ୟାସୀ, ଶିଷ୍ୟମାନଙ୍କ ସହ ଆସି ରାଜାଙ୍କ ପ୍ରମୋଦ ଉଦ୍ୟାନରେ ପହଞ୍ଚିଲେ ଓ ରାଜାଜ୍ଞାକୁ ଅବଜ୍ଞା କରି ଜୋର୍ କରି ସେଠାରେ ଶିବିର ପକାଇଲେ। ରାଜା ଯେତେବେଳେ ତାଙ୍କୁ ସାକ୍ଷାତ କରିବାକୁ ଆସିଲେ ସେହି ସନ୍ୟାସୀ ରାଜାଙ୍କୁ ବ୍ୟଙ୍ଗୋକ୍ତି କଲେ ଓ ରାଜାଙ୍କୁ ଆଶାଳୀନ ବ୍ୟବହାର ପ୍ରଦର୍ଶନ ପୂର୍ବର ରାଜା ଶାସନ ଖବର ପଚାରିଲେ। ରାଜା ନାଳିକିର, ସନ୍ୟାସୀଙ୍କର ଏତାଦୃଶ ବ୍ୟବହାରରେ କ୍ଷୁବ୍ଧ ହେଲେ ମଧ୍ୟ ସଂଗେ ସଂଗେ କିଛି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ ସତ, ମାତ୍ର ସନ୍ୟାସୀଙ୍କୁ ପାନେ ଚଖେଇବା ପାଇଁ ସଶିଷ୍ୟ ତାଙ୍କୁ ରାଜପ୍ରସାଦକୁ ନିମନ୍ତ୍ରଣ କଲେ। ସନ୍ୟାସୀ ସଶିଷ୍ୟ ରାଜପ୍ରସାଦରେ ପହଞ୍ଚିବା ପରେ ବହୁ ସମୟ ଧରି ରାଜା ତାଙ୍କୁ ପ୍ରତୀକ୍ଷାରତ କରାଇଲେ ଏବଂ ସନ୍ୟାସୀ ଓ ତାଙ୍କ ଶିଷ୍ୟମଣ୍ଡଳୀ ଖୁବ କ୍ଷିଧାତୁର ଥିଲାବେଳେ ସେମାନଙ୍କ ଖାଦ୍ୟ ପାତ୍ରରେ ଖାଦ୍ୟ ବଦଳରେ ଅମେଧ୍ୟ ଭରିଦେଲେ। ଏହି ଘଟଣାରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ସନ୍ୟାସୀ ରାଜା ନାଳିକିର୍‌ଙ୍କୁ ଅଭିଶାପ ଦେଲେ ଏବଂ ଅଭିଶପ୍ତ ନାଳିକିର ଅଧୋଗତି ଲାଭ କରି ମୃତ୍ୟୁବରଣ କଲେ। ଏହି ଅଭିଶାପ ଯୋଗୁଁ କଳିଙ୍ଗ ରାଜ୍ୟ ମଧ୍ୟ ଧନ-ଜନ ହରାଇ ଅରଣ୍ୟାକୀର୍ଣ୍ଣ ହୋଇଗଲା।

ତେବେ କଳିଙ୍ଗର ଏହି ଅଧୋଗତି କ୍ଷଣସ୍ଥାୟୀ ଥିଲା ଓ ଖୁବ୍ ଶୀଘ୍ର ରାଜା କରକଣ୍ଡୁଙ୍କ ନେତୃତ୍ୱରେ ପୁନଃ କଳିଙ୍ଗ ଏକ ମହାନ ରାଜ୍ୟ ଭାବେ ଉତ୍ଥିତ ହୋଇଥିଲା।

**କଳିଙ୍ଗର ପ୍ରାଚୀନତମ ଜୈନଶାସକ କରକଣ୍ଡୁ :**

ଜୈନଗ୍ରନ୍ଥ : 'ଉତ୍ତରାଧ୍ୟୟନସୂତ୍ର'ରୁ ଜଣାପଡ଼େ- ଜୈନ ପରମ୍ପରାରେ ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ଶିଷ୍ୟ ଥିଲେ କଳିଙ୍ଗ ରାଜା କରକଣ୍ଡୁ। ଉକ୍ତଗ୍ରନ୍ଥ କହେ - ଚତୁର୍ଯ୍ୟାମ ଧର୍ମ ପ୍ରଚାରକ ପାର୍ଶ୍ୱନାଥଙ୍କ ୪ ଜଣ ପ୍ରସିଦ୍ଧ ରାଜଶିଷ୍ୟ ଥିଲେ। ସେମାନେ ହେଲେ - ବିଦେହର ରାଜା ନିମି, କଳିଙ୍ଗର ରାଜା କରକଣ୍ଡୁ, ପାଞ୍ଚାଳର ରାଜା ଦ୍ୱିମୁଖ ଓ ଗାନ୍ଧାରର ରାଜା ନଗ୍ନଜିତ। ଏହି ପାର୍ଶ୍ୱନାଥ ଖ୍ରୀ.ପୂ ; ୭୭୭ ରେ ମୋକ୍ଷପ୍ରାପ୍ତ ହୋଇଥିଲେ। ତେଣୁ ଏହା ସୁନିଶ୍ଚିତ ଯେ- କଳିଙ୍ଗ ରାଜା କରକଣ୍ଡୁ ଖ୍ରୀ.ପୂ ୮ମ ଶତକରେ ରାଜୁତି କରୁଥିଲେ।

ରାଜା କରକଣ୍ଡୁଙ୍କ ଜୀବନକାହାଣୀ 'କରକଣ୍ଡ ଚରିଉ' ତଥା ଜୈନଗ୍ରନ୍ଥ 'ଅଭିଧାନ ରାଜେନ୍ଦ୍ର'ରୁ ନମ୍ନମତେ ଜଣାପଡ଼େ-

ରାଜା ଦଧିବାମନ ଓ ରାଣୀ ପଦ୍ମାବତୀଙ୍କ ପୁତ୍ର ଥିଲେ କରକଣ୍ଡୁ। ଦଧିବାମନ ଥିଲେ ଚମ୍ପା ନଗରୀର



ଚନ୍ଦ୍ରବିଜୟୀ ମିଶ୍ର

ରାଜା। ରାଣୀ ପଦ୍ମାବତୀ ଗର୍ଭବତୀ ଥିଲାବେଳେ ଓ ହସ୍ତୀପୃଷ୍ଠରେ ବସି ବନ ବିହାର କରୁଥିବା ବେଳେ ହଠାତ୍ ସେହି ହସ୍ତୀଟି ଉନ୍ମତ୍ତ ହୋଇ ନିଘଞ୍ଚ ଅରଣ୍ୟରେ ପ୍ରବେଶ କଲା ଏବଂ ପରିଜନ ପରିତ୍ୟକ୍ତା ହୋଇ ରାଣୀ ପଦ୍ମାବତୀ ବୁଲିବୁଲି ଶେଷରେ କଳିଙ୍ଗ ରାଜ୍ୟରେ ପ୍ରବେଶ କଲେ ଓ ଜଣେ ବ୍ରାହ୍ମଣଙ୍କ ଆଶ୍ରୟ ଲାଭ କଲେ। ଏହି ସମୟରେ ରାଣୀଙ୍କର ପୁତ୍ର ସନ୍ତାନଟି ଜନ୍ମ ହେଲା। ସେହି ପୁତ୍ରର ନାଁ ରହିଲା- କରଣ୍ଡୁ ବା କରକଣ୍ଡୁ।

ଏଇ କରକଣ୍ଡୁ ଶିକ୍ଷା ଓ ସଂସ୍କାର ପ୍ରାପ୍ତ ହୋଇ ତରୁଣ ବୟସରେ ପଦାର୍ପଣ କରିବା ସମୟକୁ କଳିଙ୍ଗ ରାଜ୍ୟ ଅରାଜକ ହୋଇ ପଡ଼ିଥିଲା। ସେ ସମୟରେ କଳିଙ୍ଗର ପାଟହାତୀ କରକଣ୍ଡୁଙ୍କ ମସ୍ତକରେ ସ୍ୱର୍ଣ୍ଣକଳସୀ ଢାଳନ୍ତେ, କରକଣ୍ଡୁ ହେଲେ- କଳିଙ୍ଗର ନୂତନ ରାଜା। ସେ ସିଂହାସନ ଆରୋହଣ କରିବା ପରେ କଳିଙ୍ଗରୁ ଅରାଜକତା ଦୂର କଲେ ଓ ସୁଶାସନ ପ୍ରତିଷ୍ଠା କଲେ।

ତବେ, ଘଟଣାଚକ୍ରରେ ଚମ୍ପା ରାଜା ଓ କଳିଙ୍ଗ ମଧ୍ୟରେ ବିବାଦ ଓ ଯୁଦ୍ଧ ହେବାରୁ ଦଧିବାମନ ଓ କରକଣ୍ଡୁ ଯୁଦ୍ଧକ୍ଷେତ୍ରରେ ମୁହାଁମୁହିଁ ହେଲେ। ତେବେ, ଯୁଦ୍ଧ କ୍ଷେତ୍ରରେ ହଠାତ୍ ରାଣୀ ପଦ୍ମାବତୀ ଉପସ୍ଥିତି ହୋଇ ପିତା-ପୁତ୍ରଙ୍କ ପରିଚୟ କରାନ୍ତେ, ଯୁଦ୍ଧ ଅନ୍ତ ହେଲା ଏବଂ ଶାନ୍ତି ପ୍ରତିଷ୍ଠିତ ହେଲା। କିଛିଦିନ ପରେ ବୃଦ୍ଧ ଦଧିବାମନ ସିଂହାଦନ ତ୍ୟାଗ କରି ଓ ଚମ୍ପାରାଜ୍ୟର ଶାସନ ଭାର ମଧ୍ୟ ପୁତ୍ର କରକଣ୍ଡୁଙ୍କ ହସ୍ତରେ ଅର୍ପଣ କରିବାରୁ କରକଣ୍ଡୁ ଉଭୟ କଳିଙ୍ଗ ଓ ଚମ୍ପାର ଶାସକ ହେଲେ।

**ରାଜା କରକଣ୍ଡୁ 'ସନ୍ୟାସ ବ୍ରତ' ଗ୍ରହଣ କଲେ:**

''କୁମ୍ଭକାର ଜାତକ' ନାମକ ଏକ ପ୍ରାଚୀନ ଗ୍ରନ୍ଥରେ ଉଲ୍ଲେଖ ଅଛି - କଳିଙ୍ଗ ରାଜ କରକଣ୍ଡୁ କିପରି ସନ୍ୟାସଧର୍ମ ଗ୍ରହଣ କଲେ-

ରାଜା କରକଣ୍ଡୁ ଏକ ଶ୍ୱେତ ବୃଷକୁ ଖୁବ୍ ଭଲ ପାଉଥଲେ ଏବଂ ସମୟ ମିଳିଲେ, ତା' ସହ ଖେଳୁଥିଲେ। ଏକଦା ରାଜକାର୍ଯ୍ୟରେ ନମଗ୍ନ ରହି କିଛିକାଳ ସେ ସହି ଶ୍ୱେତବୃଷଟିକୁ ଦେଖିପାରି ନାଥିଲେ। ସେହି ସମୟରେ ଦିନେ ନିଜର ଅନୁଚୀବର୍ଗଙ୍କ ସହ ଆମ୍ର କାନନରେ ବିଶ୍ରାମ କରୁଥିବା ବେଳେ ଗୋଟିଏ ଫଳପୂର୍ଣ୍ଣ ଆମ୍ରବୃକ୍ଷ ସମସ୍ତଙ୍କ ନଜରକୁ ଆସିଲା। ତାଙ୍କ ଅନୁଚରମାନେ ଖୁବ୍ କମ୍ ସମୟ ମଧ୍ୟରେ ଏହି ବୃକ୍ଷର ମନଲୋଭା ଫଳସବୁ ତୋଳି - ଡାଳପତ୍ର ଭାଙ୍ଗି ବୃକ୍ଷଟିକୁ ଏପରି ବିବର୍ଣ୍ଣ କରିପକାଇଲେ ଯେ- ଘଟଣାଟି ରାଜା କରକଣ୍ଡୁଙ୍କ ମନରେ ଅଲୋଡ଼ନ ସୃଷ୍ଟି କଲା। ପ୍ରସାଦକୁ ଫେରିଆସି ସେ ଗଭୀର ଚିନ୍ତାରେ ମଗ୍ନ ରହିଲେ। ସେ ବୁଝି ପାରିଲେ- ଅନ୍ୟ ବୃକ୍ଷଗୁଡ଼ିକ ନିରାପଦ ଓ ଅକ୍ଷୂର୍ଣ୍ଣ ଥିଲା ବେଳେ ସୁସ୍ୱାଦୁ ଫଳଯୁକ୍ତ ବୃକ୍ଷଟି ଧ୍ୱସ୍ତ ହୋଇଯିବାର କାରଣ- ତା'ର ଗୁଣାତ୍ମକ ଓ ପରିମାଣାତ୍ମକ ସଂପଦ। ବୁଝିପାରିଲେ- 'ସଂପଦ ହିଁ ଦୁଃଖର କାରଣ', ଏତିକିବେଳେ ତାଙ୍କର ସେହି ଶ୍ୱେତବର୍ଣ୍ଣର ବୃଷଭଟି କଥା ମନେ ପଡ଼ିଲା। ସେ ତାକୁ ଦେଖିବାକୁ ଯାଇ ସେଇ ଶ୍ୱେତ ବୃଷଭଟିର ଯତ୍ନ ଅଭାବଜନିତ ଦୂରାବସ୍ଥା ଦେଖିଲେ। ଏକଦା ତାଙ୍କର ଅତିପ୍ରିୟ ସେହି ସ୍ୱାସ୍ଥ୍ୟବାନ ସୁନ୍ଦର ବୃଷଭଟିକୁ ଜୀର୍ଣ୍ଣ- ରୁଗ୍‌ଣ ଓ କଦାକାର ଅବସ୍ଥାରେ ଦେଖି ସେ ବୁଝିପାରିଲେ- 'ସଂସାରରେ ସବୁକିଛି ଅନିତ୍ୟ ଓ ଦୁଃଖମୟ'। ତେଣୁ ଏକ ମାନସିକ ସଂଘାତ ଭିତରେ ଶାନ୍ତିପାଇପାଇଁ ସେ ସିଂହାସନ ଛାଡ଼ି ସନ୍ୟାସ ଜୀବନକୁ ବାଛିନେଲେ।

କଳିଙ୍ଗର ପ୍ରାଚୀନତମ ଜୈନ ରାଜା ଭାବେ କରକଣ୍ଡୁ 'ଇତିହାସ ସ୍ୱୀକୃତ' ଅଟନ୍ତି। ଜୈନଧର୍ମର ଉନ୍ନତିକଳ୍ପେ ସେ ଓଡ଼ିଶାରେ କରଣ୍ଡକ ବିହାର ନିର୍ମାଣ କରିଥିଲେ ଏବଂ ଏହି ବିହାର ମଧ୍ୟରେ ଏକ ବିଶାଳକାୟ ହସ୍ତୀମୂର୍ତ୍ତି ସ୍ଥାପନ କରିଥିଲେ। ସମ୍ଭବତଃ ଦ୍ୱିତୀୟ ତୀର୍ଥଙ୍କର ଅଜିତ ନାଥଙ୍କ ଲାଞ୍ଛନ ହସ୍ତୀଥିବାରୁ ଏହି କରଣ୍ଡକ ବିବାହାର ଅଧିଷ୍ଠିତ ଦେବତା ଥିଲେ ଅଜିତନାଥ ବୋଲି ଐତିହାସିକମାନେ ଗ୍ରହଣ କରନ୍ତି। ମାତ୍ର କରଣ୍ଡକ ବିହାରର ନିର୍ଦ୍ଦିଷ୍ଟ ଉପସ୍ଥିତିସ୍ଥଳକୁ ଏଯାବତ୍ ସର୍ବୋତ୍ତ ଭାବେ ଚିହ୍ନଟ କରାଯାଇପାରି ନାହିଁ। ସେହିପରି ଆଧୁନିକ ମହାରାଷ୍ଟ୍ରର ଚତରପୁର ଠାରେ ମଧ୍ୟ ରାଜା କରକଣ୍ଡୁ ଏକ ଜୈନବିହାର ସ୍ଥାପନ କରିଥିବା ସମ୍ବନ୍ଧେ ଇତିହାସରୁ ଜଣାପଡ଼େ।




# RATHA YATRA AND ITS ORIGIN IN PURI

Dr. Janmejay Choudhury

The Ratha Yatra of Jagannath, however, is recognized as the most famous of the twelve festivals. It is the second important Yatra of Lord Jagannath. It has become so famous that millions of people from India and abroad assemble at Puri every year to watch Lord Jagannath on this occasion with worship in their eyes. The Rig. Veda speaks of the Raths that moved in the air. These were the three storeyed Rathas drawn by horses. Panini also refers to Ratha, while analyzing the word 'Rathastha, Rathaganak'. According to the Ramayana, the Ratha which is used in the games is called 'Pusya', while the Ratha employed by Gods is known as Marut. There is also descriptions of Ratha in Bhagavat, Mahabharat, Visnupurana, Kautilya-Arthasastra and Sukra Niti. The Buddhist Literature, especially, Lalita Vistara and Buddha- Carita also speaks of Ratha.

It has inspired Sanskrit and Odia poets to compose various works, of which Vasantotsava Kavyam of Halachara Misra, Gundica Campu of Bakrabak Chakrapani Pattanaik, Gundicotsava Varmanam of Bhagabat Brahma and Gundicha Vije of Brajanath Badajena deserve a special mention Also, Narahari Panda in the "Brahma Prakasika Tika' of Megha Dutam has successfully interpreted the theme with the Ratha Yatra of Lord Jagannath in a good style. Ratha Yatra is celebrated at different places in Odisha, notably, at Puri. Konark holds a Ratha Yatra in honour of the Sun God, while every year is witnessed a similar festival of Lord Lingaraj. It may be presumed that the Ratha Yatra of Puri is existed anterior to the Ratha Yatra of Bhubaneswar. The popularity of the Ratha Yatra of Jagannath dates as far back as the PuranasThe Brahma Purana, delineating the Yatra, highlights its unique significance. The Padma Purana and the Skanda Purana, also offer vivid descriptions of the festival. The references to the Ratha Yatra are found in Kapila Samhita. Some scholars opine that the Ratha Yatra owes its origin to Jainism. Some scholars have tried to link Ratha Yatra of Lord Jagannath with Buddhism as well. This Yatra at Puri begins on the 24 day of the bright fortnight of Asadha. In the Hindu tradition, Asadha is esteemed as a sacred month, since Visa sleeps on the eleventh day of the bright fortnight of this month.

Ratha Yatra is also known as Gundicha Yatra. Some critics maintain that the term 'Gundicha' has been derived from 'Gudisa", or 'Kundija' which in term means 'Daru'. They argued that this word, in its present form, is used for Jagannath to suggest that He is 'Daru-Devata'. But according to an Odia legend, Gundicha was queen of King Indradyumna, who built this gigantic Temple. It is believed that the queen Gundicha requested the king to organize this festival, so that the sinners and the



poor untouchables, who were not ordinarily allowed to enter the temple, might have Darshan of Lord Jagannath in His Ratha and thus attain salvation. Gundicha Yatra has been aptly named after queen Gundicha. Gundicha House is at a distance of a mile and a half from the Jagannath temple. Now-a-days it is known as by various names, such as, Gundicha Mandapa, Gundicha House, Janma Sthana (Birthplace). Janaka Puri and Mahavedi. Skanda Purana also speaks about Mahavedi or Gundicha Mandapa as the birthplace of Lord Jagannath. It was the place, where Indradyumna performed thousands of sacrifices. The images of three deities were made

at Mahavedi after the sacrifice, performed by Indradyumna. But when the God Nilamadhava was wordhipped by the Savara, the Ratha Yatra of Lord was not known. It was only after the completion of the images the Ratha Yatra was organized to transport the deities to the temple. This legend was quite popular in the times of Puranas. It is also known as Nrsimha Ksetra. Jagannath assures Indradyumna in the Purushottama Mabatyma that he would come to stay for seven days at His birthplace, situated on the bank of Indradyumna Sara.

Now we see the same Indradyumna Sara at Gundicha House. And the deities Jagannath, Balabhadra and Subhadra come to this place once every year. Their journey commences on the second day of the bright part of the month of Asadha, and after staying here for seven days, they make their usual return journey to the temple on the ninth day. Dr. Benimadhab Padhi, the author of 'Daru Devata" remarks, 'in the beginning Jagannath was worshipped as the stem of a tree in Gundicha Mandapa. Then He was brought to the temple to be installed as the Trinity'. Thus, while suggesting the term "Gundicha" to have been derived from the "Savara word "Kundija". He seeks to prove the Savara origin of the Yatra. Dr. Harekrushna Mahtab suggests that the word Guidisa, in Telegu means a cottage. Incidentally, the word in this sense has not been used anywhere in literature, though some of the Puranas do refer to Gundicha Mandapa. Some says that Mandapa does not mean a cottage.

Hence, we cannot accept that the word "Gundicha", was derived from 'Gudisa' under Dravida influence.

The Ratha Yatra is the source of amusement all over the Universe. The rationalismof the Ratha Yatra of Lord Jagannath, celebrated every year at Puri, is essentially to offer an opportunity to all people, regardless of their caste, creed, or religion, to have darshan of the Lorda. The Ratha Yatra, unmistakably, is the symbol of equality among all beings. It makes no discrimination between the Brahmin and Chandala. The Lord here grants equal right to all. The king of Puri himself acts as a sweeper on this occasion, thus removing ego from the mind of the ordinary people. (It is stated that 'Chhera Panhara' was introduced at the time of Anangabhima Deva in the 12 century when Jagannath came to be regarded as a state deity and the King as His servant) The pulling of the Ratha is the most interesting feature of the festival. Thousands of people lay their hands on the sturdy ropes to draw the Rathas, while the entire atmosphere resounds with the sacred name Hari. In the course of their journey, the deities are offered only fruits and cakes. On reaching Gundicha temple, the three

Deities are put in 'Dasavatara Vesa', and are worshipped in the form of "Sodasampachara' with all the modes of daily worship like 'Sandhya Alati, "Sandhya Dhupa", "Sarvanga" and "Badasinghara On the day of Babuda, the three deities, following the usual order, come to their respective chariots. On the twelfth day (Dwadasi), the deities once again go through Pahandi to reach Their seats on the "Bejeweled Throne". With the re-entry of Lord Jagannath into the temple, concludes the Ratha Yatra of Lord Jagannath. The evil of untouchability disappears, at least during the time of the Ratha Yatra. In this context, the Puranas aver that anybody who has darshan of the Lord on the Ratha, goes to the "Vaikuntha Bhuvana' of Hari.

Lecturer in History, Sri Jagannath College, Kaipadar, Khurda

ନୀତିଶିକ୍ଷା



# ମନ ହିଁ ବନ୍ଧନ ମନ ହିଁ ମୁକ୍ତି

ଭବତୋଷ ତ୍ରିପାଠୀ

ମନଃ ନପୁଂସକଂ ମତ୍ୱା ପ୍ରିୟାୟୈ ପ୍ରେଷିତଂ ମୟା ।
ତତ୍ତୁ ତତ୍ରୈବ ରମତେ ହତାଃ ପାଣିନିନା ବୟମ୍ ॥

ସଂସ୍କୃତ ବ୍ୟାକରଣକୁ ନେଇ ଜଣେ କବି, ଯିଏ ଜଣେ ପ୍ରେମିକର ବିଳାପ ବିଷୟରେ ଲେଖିଛନ୍ତି ଯିଏ କି ବ୍ୟାକରଣର ନିୟମର ଆଶ୍ରୟ ନେଇଥିଲେ। ସେ ଚିନ୍ତା କରିଥିଲେ ଯେ, ସଂସ୍କୃତ ବ୍ୟାକରଣ ଅନୁସାରେ, ମନଃ (ମନ/ହୃଦୟ) ଶବ୍ଦ 'ନିପୁଂସକ ଲିଙ୍ଗ'ର; ତେଣୁ, ସେ ଏହାକୁ ତାଙ୍କ ପ୍ରିୟାଙ୍କୁ ପଠାଇବାରେ କୌଣସି ବିପଦର ଅନୁଭବ କରିନଥିଲେ (କାରଣ ଏହା ଏକ ନିର୍ଜୀବ ବସ୍ତୁ )। ତଥାପି, ବିଡ଼ମ୍ବନା ଏହି ଯେ ମନଃ - ନିର୍ଜୀବ ହେବା ସତ୍ତ୍ୱେ - ତାଙ୍କ ପ୍ରିୟା ନିକଟକୁ ଗଲା, ସେଠାରେ ରହିଗଲା ଏବଂ ଆଉ ଫେରିଲା ନାହିଁ। ଶେଷରେ, କବି ପାଣିନିଙ୍କୁ ଦୋଷ ଦେଇଛନ୍ତି, ଦାବି କରିଛନ୍ତି ଯେ ଏହା ତାଙ୍କ ବ୍ୟାକରଣର ନିୟମ ଥିଲା ଯାହା ତାଙ୍କୁ ବିଭ୍ରାନ୍ତ କରିଥିଲା।

ଯଦିବା ଏହା ପରିହାସରେ କୁହାଯାଇଛି। ତଥାପି ବାସ୍ତବରେ ମନ ହିଁ ଆମକୁ ବନ୍ଧନ ଓ ମୁକ୍ତି ଉଭୟ ପ୍ରଦାନ କରିଥାଏ। ଯେହେତୁ ଶାସ୍ତ୍ର ଅନୁସାରେ - ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ ।। ସେହି ମନ କୁ ନେଇ ଏକ କାହାଣୀଟିଏ -

ଦୁଇଜଣ ଯୁବ ବ୍ରହ୍ମଚାରୀ ସନ୍ନ୍ୟାସୀ ପାଇଁ ପ୍ରଶିକ୍ଷଣ ଗ୍ରହଣ କରୁଥିବା ବେଳେ ଦିନେ ଗଙ୍ଗାନଦୀ କୂଳରେ ଶାସ୍ତ୍ର ଆଲୋଚନା କରୁଥିଲେ । ହଠାତ୍ ସେମାନେ ଦେଖିଲେ ନଦୀରେ ଜଣେ ସ୍ତ୍ରୀଲୋକ ଭାସି ଯାଉଛି । ନିୟମାନୁସାରେ କୌଣସି ସ୍ତ୍ରୀଲୋକକୁ ଦେଖିବା ବା ସ୍ପର୍ଶ କରିବା ବ୍ରହ୍ମଚର୍ଯ୍ୟ ପ୍ରଶିକ୍ଷଣ ସମୟରେ ନିଷିଦ୍ଧ । ତଥାପି ଭାସି ଯାଉଥିବା ସ୍ତ୍ରୀଲୋକଟିକୁ ଦେଖି ଦୁଇଜଣଙ୍କ ମଧ୍ୟରୁ ଜଣେ ଯୁବ ବ୍ରହ୍ମଚାରୀ ତା' ଜୀବନ ରକ୍ଷା କରିବା ପାଇଁ ପାଣି ଭିତରକୁ ଲମ୍ଫ ପ୍ରଦାନ କଲେ । ସ୍ତ୍ରୀ ଲୋକଟିକୁ ପାଣି ଭିତରୁ ଟାଣି ଆଣି କୂଳରେ ଶୁଆଇ ଦେଇ ତା' ପେଟ ଉପରେ ବାରମ୍ବାର ହସ୍ତର ଚାପ ପ୍ରୟୋଗ କଲେ, ତା' ପେଟରୁ ସମସ୍ତ ପାଣି ବାହାର କରିଦେଲେ । ପରେ ପାଟିରେ ପାଟି ଲଗାଇ ଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟାକୁ ପୁନରୁଦ୍ଧାର କରିବା ଦ୍ୱାରା ସ୍ତ୍ରୀଲୋକଟିର ଚେତା ଫେରି ଆସିଲା । ତା' ଜୀବନ ରକ୍ଷା କରିଥିବା ଯୁବକଙ୍କୁ ଅଶେଷ ଧନ୍ୟବାଦ ଦେଇ ସ୍ତ୍ରୀଲୋକଟି ନିଜ ବାଟରେ ଚାଲିଗଲା ।

ଅନ୍ୟ ଯୁବ ବ୍ରହ୍ମଚାରୀଟି ଯାହାଙ୍କ ଚକ୍ଷୁ ସମ୍ମୁଖରେ ସେ ନାଟକୀୟ ଦୃଶ୍ୟ ପ୍ରଦର୍ଶିତ ହେଉଥିଲା, ସେ ଚୁପ୍‌ଚାପ୍ ସମସ୍ତ ଦୃଶ୍ୟ ଦେଖି ନିଜ ସହପାଠୀଙ୍କ ଏତାଦୃଶ ବ୍ୟବହାରରେ ସ୍ତମ୍ଭୀଭୂତ ହୋଇଗଲେ। ଏତାଦୃଶ କାର୍ଯ୍ୟ ସଂପୂର୍ଣ୍ଣ ନୀତିବିରୁଦ୍ଧ ଏବଂ ବ୍ରହ୍ମଚାରୀ ପ୍ରଶିକ୍ଷଣ ନିୟମକୁ ଅବମାନନା ବୋଲି ସେ ଭାବିଲେ ।

ଆଶ୍ରମକୁ ଫେରିବା ରାସ୍ତାରେ ସେ ଯୁବ ବ୍ରହ୍ମଚାରୀ ଜଣକ ସ୍ତ୍ରୀଲୋକର ଜୀବନ ରକ୍ଷା କରିଥିବା ଅନ୍ୟ ଯୁବକ ବ୍ରହ୍ମଚାରୀଙ୍କୁ ଭର୍ତ୍ସନା ନ କରି ରହିପାରିଲେ ନାହିଁ । ସେ କହିଲେ ଯେ ସ୍ତ୍ରୀଲୋକଟିକୁ ରକ୍ଷା କରିବାବେଳେ, ଗୁରୁଜୀ ଯାହା ଶିକ୍ଷା ଦେଇଥିଲେ, ସେ ସମସ୍ତ ଉପଦେଶ ସେ ଅମାନ୍ୟ କରିଥିଲେ । ସେ ନିଜର ମତକୁ ଦୃଢ଼ ଏବଂ ସତ୍ୟ ବୋଲି ପ୍ରମାଣିତ କରିବାକୁ ଯାଇ କହିଲେ, - "ତୁମେ ତା' ଶରୀରକୁ ସ୍ପର୍ଶ କଲ । ତା'କୁ ତୁମେ ଅତି ନିକଟରେ ଧରିଥିଲ ଏବଂ ତା' ଓଠରେ ମୁହଁ ରଖିଥିଲ ।"

ପ୍ରଥମ ବ୍ରହ୍ମଚାରୀଟି ସେ କଥାରେ ଅପମାନିତ ହେବା ପରିବର୍ତ୍ତେ ମୁହଁରେ ସ୍ମିତହାସ୍ୟ ଫୁଟାଇ କହିଲେ, " ମୁଁ ସେ ସ୍ତ୍ରୀଲୋକଟିକୁ ବହୁପୂର୍ବରୁ ନଦୀ କୂଳରେ ତା' ଜୀବନ ରକ୍ଷା କରି ଛାଡ଼ିଦେଇ ଆସିଛି। କିନ୍ତୁ ହେ ମୋର ପ୍ରିୟ ବନ୍ଧୁ ! ତୁମେ ତ ତାକୁ ଆଶ୍ରମ ଭିତରକୁ ନେଇ ଆସିବାକୁ ଉଚିତ୍ ମନେ କରିଛ । ତୁମ ମନରେ ସେକଥା ଏ ପର୍ଯ୍ୟନ୍ତ ବି ଚାଲିଛି।"

ମର୍ମବାଣୀ : ମନୁଷ୍ୟର ମନ ତା' ଶରୀରଠାରୁ ଅଧିକ ଶକ୍ତିଶାଳୀ । ଆମ ଚିନ୍ତାରେ ହିଁ ଆମ ଉଦ୍ଦେଶ୍ୟ ଅନ୍ତର୍ନିହିତ ଥାଏ ଯାହାକି ପ୍ରକୃତ କାରଣ ଦର୍ଶାଏ । ମନହିଁ ବନ୍ଧନର କାରଣ ଏବଂ ସେହି ମନ ହିଁ ମୁକ୍ତିର ପଥ ପ୍ରଦର୍ଶକ ।

# ସିରାଜ ଗ୍ରନ୍ଥି ଓ ଏହାର ଆୟୁର୍ବେଦିକ ଉପଚାର



ଡାକ୍ତର ତପନ କୁମାର ନାୟକ

**ସିରାଜଗ୍ରନ୍ଥି ହେଉଛି ଆୟୁର୍ବେଦରେ ବର୍ଣ୍ଣିତ ଏକ ରୋଗ ଅବସ୍ଥା। ଯେଉଁଥିରେ ରକ୍ତନଳୀ (ସିରା) ଗୁଡିକ ଗଣ୍ଠି ସୃଷ୍ଟିକରେ। ଆଧୁନିକ ଚିକିତ୍ସାପଦ୍ଧତିରେ ଏହାକୁ ଭେରିକୋଷ୍ ଭେନ୍ ବୋଲି କୁହାଯାଏ। ସିରାଜ ଗ୍ରନ୍ଥିରେ ରକ୍ତନଳୀ ଉପରେ ଗୋଲାକାର, ଶୀଘ୍ର ବିକଶିତ, ଅସ୍ପନ୍ଦନଶୀଳ ଓ ସାଧାରଣତଃ ବେଦନାହୀନ ସ୍ଥିତି ସୃଷ୍ଟି ହୁଏ।**

**ସମ୍ପ୍ରାପ୍ତି:** ବିକୃତ ବାତ ଦୋଷ ସିରା ମଧ୍ୟକୁ ପ୍ରବେଶ କରି ସିରାକୁ ସଂକୋଚିତ ଓ ଶୁଷ୍କ କରିଥାଏ। ଫଳରେ ଗ୍ରନ୍ଥି ସୃଷ୍ଟିହୁଏ।

**ମୁଖ୍ୟଲକ୍ଷଣ:** ବକ୍ରୀକରଣ- ସିରା ବଙ୍କା ହୋଇଯିବା କିମ୍ବା ମୋଡାମୋଡି ହୋଇଯିବା।



**ନିସ୍ଫୁର:** ସିରାରେ ସ୍ପନ୍ଦନ ନ ହେବା

**ନୀରୁଜ:** ସାଧାରଣତଃ ବେଦନା ନ ହେବା, କିନ୍ତୁ ପୁରୁଣା ଅବସ୍ଥାରେ ମନ୍ଦବେଦନା ହୋଇପାରେ।

**ସିରାଉତ୍ସେଦ:** ସିରା ଫୁଲିଯିବା ଓ ନୀଳବର୍ଣ୍ଣ ହୋଇଯିବା।

**ମୁଖ୍ୟକାରଣ:** ଅତ୍ୟଧିକ ପରିଶ୍ରମ, ଦୀର୍ଘ ସମୟ ଦଣ୍ଡାୟ ମାନ ରହିବା, ମୋଟାପଣ ଓ ଗର୍ଭାବସ୍ଥା।

**ସାଧ୍ୟ-ସାଧ୍ୟତା:** କୃଚ୍ଛ୍ରସାଧ୍ୟ- ଗ୍ରନ୍ଥି ଚଳନଶୀଳ ଓ ବେଦନା ଯୁକ୍ତ ହେଲେ।

**ଅସାଧ୍ୟ:** ଗ୍ରନ୍ଥିଅଚଳ, ବେଦନାହୀନ, ଆକାରରେ ବଡ ଓ ମର୍ମ ସ୍ଥାନରେ ଥିଲେ।

**ଆୟୁର୍ବେଦିକ ଚିକିତ୍ସା**

**ରକ୍ତମୋକ୍ଷଣ:** ପ୍ରଧାନ ଚିକିତ୍ସା ପଦ୍ଧତି।

**ଜଳୌକା ଅବଚାରଣ (ଜୋକଚିକିତ୍ସା):** ଏହି ପଦ୍ଧତି ଦୂଷିତ ରକ୍ତ ବାହାର କରିବା ସହିତ ହିରୁଡିନ ଭଳି ପ୍ରତିଶୋଧକ ତତ୍ତ୍ୱ ପ୍ରବେଶ କରାଏ।

**ସିରାବ୍ୟଧ:** ସିରାରେ ଚିକିତ୍ସାତ୍ମକ ଛିଦ୍ର କରି ରକ୍ତ ଜମା ହ୍ରାସ କରାଯାଏ।

**ଶୋଧନଚିକିତ୍ସା**

**ବିରେଚନ ଓ ବସ୍ତି:** ସହଚରାଜିତୈଳ ଭଳି ଆୟୁର୍ବେଦୀୟ ଔଷଧୀୟ ତେଲ ଦ୍ୱାରା ବାତ ସନ୍ତୁଳନ କରାଏ।

**ବାହ୍ୟପ୍ରୟୋଗ:** ସହଚରାଜିତୈଳ ମର୍ଦ୍ଦନ କିମ୍ବା ଲେପ ଦ୍ୱାରା ସ୍ଥାନୀୟ ଉପଶମ।

**ଶମନ ଚିକିତ୍ସା:** କୈଶୋର ଗୁଗୁଲୁ, ମହମଞ୍ଜିଷ୍ଠାଦି କଷାୟ ପରି ଆଭ୍ୟନ୍ତରୀଣ ଔଷଧ ପ୍ରୟୋଗ।

**ଅଧ୍ୟାପକ ,ଏମ. ଏସ . ଆୟୁ (ଆଇ ,ଏମ. ଏସ .ବିଏଚ. ୟୁ ) ଗୋପାବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ.ପୁରୀ**



## ॥ ଓଁ ଶ୍ରୀ ଦୁର୍ଗାମାଧବାଭ୍ୟାଂ ନମଃ ॥



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରୀପାଠୀ ଶର୍ମା**
**ଶ୍ରୀ ଲୋକନାଥ ରୋଡ, ହାତୀଶାଳ**
**ପୁରୀ : ୭୯୭୮୪୬୪୬୩୯**



**ମେଷ ରାଶି:** ଏହି ମାସଟି ଆପଣଙ୍କର ଅଳ୍ପ ଶୁଭଦାୟକ ରହିବ। ଦେହ ଅସୁସ୍ଥ ରହିପାରେ। ଆୟ ବ୍ୟୟ ପ୍ରାୟ ସମାନ। ପାରିବାରିକ ଜୀବନରେ ଅଶାନ୍ତି ଦେଖାଦେବ। ବ୍ୟବସାୟରେ ଅଳ୍ପ ଲାଭ ମିଳିବ। ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିବେ।

**ବୃଷ ରାଶି:** ଏହି ମାସଟି ଆପଣଙ୍କର ଶୁଭାଶୁଭ ମିଶ୍ରିତ ରହିବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଆୟ ମଧ୍ୟମଦାୟକ ରହିବ। ପାରିବାରିକ ଜୀବନରେ ଶାନ୍ତି ରହିବ। ବ୍ୟବସାୟରେ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ଉନ୍ନତି କରିବେ।

**ମିଥୁନ ରାଶି:** ଏହି ମାସଟି ଆପଣଙ୍କର ସାମାନ୍ୟ ଶୁଭଦାୟକ ରହିବ। ଶରୀର ସୁସ୍ଥ ରହିବ। ଆୟ ଅବ୍ୟାହତ ରହିବ। ପାରିବାରିକ ଜୀବନରେ ଅଳ୍ପ ଆନନ୍ଦ ପାଇବେ। ବ୍ୟବସାୟ ଲାଭଦାୟକ। ବିଦ୍ୟାର୍ଥୀମାନେ ପଢ଼ାରେ ମନଯୋଗ ଦେଇ ପଢ଼ିବେ।

**କର୍କଟ ରାଶି:**ଏହି ମାସଟି ଆପଣଙ୍କର ଆଂଶିକ ଶୁଭଦାୟକ ରହିବ। ଦେହ ସୁସ୍ଥ ରହିବ। ଆୟ ଅଳ୍ପ ହେବ। ପାରିବାରିକ ଜୀବନରେ ଖୁସି ପାଇବେ। ବ୍ୟବସାୟରେ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ସାମାନ୍ୟ ଅବହେଳା କରିପାରନ୍ତି।

**ସିଂହ ରାଶି:** ଏହି ମାସଟି ଆପଣଙ୍କର ଅଶୁଭ ଦେଖାଦେଇପାରେ। ଦେହ ଭଲ ରହିବ। ଆୟ ଅଳ୍ପ ରହିବ। ପାରିବାରିକ ଜୀବନରେ ଅଶାନ୍ତି ଦେଖାଦେଇପାରେ। ବ୍ୟବସାୟର ଲାଭ ମିଳିବନାହିଁ। ବିଦ୍ୟାର୍ଥୀମାନେ ପଢ଼ାରେ ସେତେ ମନଦେବେନାହିଁ।

**କନ୍ୟା ରାଶି :** ଏହି ମାସଟି ଆପଣଙ୍କର ଅଳ୍ପ ଶୁଭଦାୟକ ରହିବ। ଦେହ ପ୍ରାୟ ଭଲ ରହିବ। ଆୟ ସାମାନ୍ୟ ରହିବ। ପାରିବାରିକ ଜୀବନ ଆନନ୍ଦଦାୟକ ରହିବ। ବ୍ୟବସାୟରେ ଅଳ୍ପ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ।

**ତୁଳା ରାଶି:** ତୁଳା ରାଶି - ଏହି ମାସଟି ଆପଣଙ୍କର ସେତେ ଶୁଭଦାୟକ ନୁହେଁ। ଦେହ ପ୍ରାୟ ଭଲ ରହିବ। ଆୟ ଅଳ୍ପ ପରିମାଣରେ ମିଳିବ। ପାରିବାରିକ ଜୀବନରେ ସେତେ ଖୁସି ପାଇବେନି। ବ୍ୟବସାୟରେ ସାମାନ୍ୟ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରିବେ।

**ବିଛା ରାଶି:** ବିଛା ରାଶି- ଏହି ମାସଟି ଆପଣଙ୍କର ଶୁଭଦାୟକ ରହିବ। ଦେହ ଓ ମନ ଭଲ ରହିବ। ଆୟ ଭଲ ହେବ। ପାରିବାରିକ ଜୀବନ ହସଖୁସିରେ କାଟିବେ। ବ୍ୟବସାୟରେ ଲାଭଦାୟକ ରହିବେ। ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ।

**ଧନୁ ରାଶି:** ଧନୁ ରାଶି - ଏହି ମାସଟି ଆପଣଙ୍କର ସମସ୍ୟାବହୁଳ ରହିବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଆୟ ବ୍ୟୟ ସମାନ ରହିବ। ପାରିବାରିକ ଜୀବନରେ ଅଶାନ୍ତି ଦେଖାଦେବ। ବ୍ୟବସାୟରେ କିଛି କ୍ଷତି ଦେଖାଦେଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ସେତେ ସୁଫଳ ପାଇବେନାହିଁ।

**ମକର ରାଶି :** ମକର ରାଶି - ଏହି ମାସଟି ଆପଣଙ୍କର ଶୁଭଦାୟକ ରହିବ। ଶରୀର ସୁସ୍ଥ ରହିବ। ଆୟ ଉତ୍ତମ ରହିବ। ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ। ବ୍ୟବସାୟରେ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ଉଚ୍ଚଫଳ ପାଇବେ।

କୁମ୍ଭ ରାଶି: ଏହି ମାସଟି ଆପଣଙ୍କର ଅଶୁଭଦାୟକ ରହିବ। ଶରୀର ଅସୁସ୍ଥତା ଦେଖାଦେବ। ଆୟ କମ ପରିମାଣରେ ହେବ। ପାରିବାରିକ ଜୀବନ ଦୁଃଖଦାୟକ ରହିବ। ବ୍ୟବସାୟରେ କ୍ଷତି ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ସାମାନ୍ୟ ଆଗେଇବେ।

**ମୀନ ରାଶି:** ଏହି ମାସଟି ଆପଣଙ୍କର ପ୍ରାୟତଃ ଶୁଭଦାୟକ ରହିବ। ଶରୀର ପ୍ରାୟ ସୁସ୍ଥ ରହିବ। ଆୟ ସାମାନ୍ୟ ରହିବ। ପାରିବାରିକ ଜୀବନରେ ଖୁସି ପାଇବେ। ବ୍ୟବସାୟରେ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ।

# ନିର୍ଣ୍ଣାୟକ ସ୍ଥିତିରେ ଯୁଦ୍ଧ

## ତେହେରାନ ଓ ଇସ୍‌ଫାହାନ ଉପରେ ପ୍ରଚଣ୍ଡ ଆକ୍ରମଣ, ଦୁବାଇ, ସାଉଦି ଆରବରେ ମିସାଇଲ୍ ବର୍ଷା



ତେହେରାନ: ମଧ୍ୟପ୍ରାଚ୍ୟର ଭୂ-ରାଜନୈତିକ ସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥିବା ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧରେ ଇରାନର ପୂର୍ଣ୍ଣ ନିୟନ୍ତ୍ରଣ ଏହାର ଇସଲାମିକ ରିଭୋଲ୍ୟୁସନାରି ଗାର୍ଡ କର୍ପସ (ଆଇଆର୍‌ଜିସି) ହାତକୁ ଯାଇଛି। ସେନା ପ୍ରତ୍ୟକ୍ଷ ଶାସନ କ୍ଷମତା ହାସଲ କରିବା ସହ ଏହି ଇସ୍‌ଲାମିକ ରାଷ୍ଟ୍ର ସାମରିକ ଶାସନ ଅଧୀନରେ ରହିବ। ଏଭଳି ସ୍ଥିତିରେ କୂଟନୈତିକ ରାସ୍ତା ଏବେ ସଂପୂର୍ଣ୍ଣ ବନ୍ଦ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ଆମେରିକା ଏବଂ ଇସ୍ରାଏଲ ସେନା ଇରାନର ଶିଳ୍ପ ଭିତ୍ତିଭୂମିକୁ ଧ୍ୱଂସ କରୁଥିବା ବେଳେ ଏହି ଆଭ୍ୟନ୍ତରୀଣ କ୍ଷମତା ଦଖଲ ଇରାନକୁ ଏକ ନିର୍ଣ୍ଣାୟକ ଲଢ଼େଇରେ ଅବତୀର୍ଣ୍ଣ କରାଇବ। ସର୍ବୋଚ୍ଚ ନେତା ମୋଜତବା ଖେମିନିଙ୍କ ଅବସ୍ଥିତି ସଂପର୍କରେ କୌଣସି ସୂଚନା ପ୍ରକାଶ କରାଯାଉନଥିବା ବେଳେ ବର୍ତ୍ତମାନ ୱାସିଂଟନ ସ୍ଥଳସେନା ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି। ଏଭଳି ସମୟରେ ଇରାନରେ ଏକ ଛାୟା ସରକାରର ଉଦୟ ବିଶ୍ୱ ଗୁଇନ୍ଦା ସଂସ୍ଥାଗୁଡ଼ିକୁ ସ୍ତବ୍ଧ କରିଦେଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱ ଅର୍ଥନୀତି ମଧ୍ୟ ବାଜିରେ ଲାଗିଛି। ଇସ୍ରାଏଲର ଜେରୁଜେଲମ ଆକାଶରେ ଶକ୍ତିଶାଳୀ କ୍ଷେପଣାସ୍ତ୍ରକୁ ସଫଳତାର ସହ ରୋକାଯାଇଥିବାରୁ ସହର ଛାରଖାର ହେବାରୁ ଅଳ୍ପକେ ବର୍ତ୍ତି ଯାଇଛି। ଏହାର ଜବାବରେ ଆମେରିକା ପକ୍ଷରୁ ତେହେରାନ ଓ ଇସ୍‌ଫାହାନ ଉପରେ 'ବଙ୍କର୍-ବଷ୍ଟର୍' ବୋମା ବ୍ୟବହାର କରି ପ୍ରଚଣ୍ଡ ଆକ୍ରମଣ କରାଯାଇଛି। ଏପ୍ରିଲ୍ ୬ 'ହର୍ମୁଜ ସମୟସୀମା' ପୂର୍ବରୁ ଏଭଳି ଭୀଷଣ ଆକ୍ରମଣ ପୂର୍ଣ୍ଣାଙ୍ଗ ଯୁଦ୍ଧ ପାଇଁ ଚେତାବନୀ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଏବଂ ଚୁକ୍ତି ନହେଲେ ଇରାନର ବିନାଶ ନିଶ୍ଚିତ ବୋଲି ଦୋହରାଇଛନ୍ତି। ଇସ୍‌ଫାହାନର ପରମାଣୁ କାର୍ଯ୍ୟକ୍ରମ ସହ ସଂପୃକ୍ତ ଭିତ୍ତିଭୂମି ଉପରେ ଆକ୍ରମଣ କରିବା ସହ ଆଲୋଚନା ପାଇଁ ପ୍ରସ୍ତାବ ଦେଇ ଟ୍ରମ୍ପ ପ୍ରଶାସନ ଇରାନକୁ ସମ୍ପୂର୍ଣ୍ଣ ଆତ୍ମସମର୍ପଣ ପାଇଁ ଚାପ ପକାଉଛି। କରିବା ପାଇଁ ୨,୦୦୦ ପାଉଣ୍ଡର ବଙ୍କର୍-ବଷ୍ଟର୍ ବୋମା ବ୍ୟବହାର କରାଯାଇଛି।

ତେହେରାନରେ ହୋଇଥିବା ଆକ୍ରମଣଗୁଡ଼ିକ ମୁଖ୍ୟତଃ କମାଣ୍ଡ-ଆଣ୍ଡ-କଣ୍ଟ୍ରୋଲ୍ ସେଣ୍ଟର ଓ ଏୟାର ଡିଫେନ୍ସ ବ୍ୟାଟେରିଗୁଡ଼ିକୁ ଟାର୍ଗେଟ୍ କରିବା ଫଳରେ ଇରାନର ସାମରିକ ନେଟ୍‌ୱର୍କ ଗୁରୁତର ପ୍ରଭାବିତ ହୋଇଛି। ଏହି ଅପରେସନ୍‌ର ଗୁରୁତ୍ୱ ବୁଝାଇବାକୁ ଯାଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ଟ୍ରୁଥ୍ ସୋସିଆଲ ଆକାଉଣ୍ଟରେ ୩୧ ସେକେଣ୍ଡର ଏକ ଭିଡିଓ ପୋଷ୍ଟ କରିଛନ୍ତି,

### ୨୦୦୦ ପାଉଣ୍ଡର ବଙ୍କର୍ ବଷ୍ଟର୍ ବୋମା ବ୍ୟବହାର

ଲେବାନନ, ୟେମେନ ଓ ଇରାକରେ ଯୁଦ୍ଧ ଭୀଷଣ ହୋଇଥିବାରୁ ଆଗକୁ ବିଶ୍ୱ ଏକ ବଡ଼ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି।

ଯୁଦ୍ଧ ଆରମ୍ଭ ହେବା ପରଠାରୁ ସବୁଠାରୁ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆମେରିକା ଓ ଇସ୍ରାଏଲ୍ ବାୟୁସେନା ଇରାନର ମଧ୍ୟଭାଗ ଉପରେ କ୍ରମାଗତ ଆକ୍ରମଣ କରିଛନ୍ତି। ଏହି ଅପରେସନ୍‌ର ମୁଖ୍ୟ ଲକ୍ଷ୍ୟ ଥିଲା ଇସ୍‌ଫାହାନ ସହର, ଯାହା ଇରାନର ସାମରିକ-ଶିଳ୍ପ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର। ଗୁଇନ୍ଦା ରିପୋର୍ଟ ଅନୁସାରେ, ଗୁରୁତ୍ୱପୂର୍ଣ୍ଣ ପରମାଣୁ ସମ୍ପର୍କିତ ଗବେଷଣା କେନ୍ଦ୍ରଗୁଡ଼ିକ ନିକଟରେ ଥିବା ଏକ ବିରାଟ ଭୂତଳ ଗୋଳାବାରୁଦ ଭଣ୍ଡାରକୁ ଧ୍ୱଂସ ଯେଉଁଥିରେ ଇସ୍‌ଫାହାନର ଆକାଶରେ ବିରାଟ ଅଗ୍ନିଗୋଳା ଓ ଭୟଙ୍କର ବିସ୍ଫୋରଣ ଦେଖିବାକୁ ମିଳୁଛି। ବିଶ୍ଳେଷକଙ୍କ ମତରେ, ଏହି ଭିଡିଓ ଜରିଆରେ ଇରାନ ନେତୃତ୍ୱକୁ ଏକ ସ୍ପଷ୍ଟ ସଙ୍କେତ ଦିଆଯାଇଛି ଯେ କୌଣସି ସ୍ଥାନ ମେଣ୍ଟ ବାହିନୀର ଆକ୍ରମଣରୁ ସୁରକ୍ଷିତ ନୁହେଁ। ଏହି ଯୁଦ୍ଧର ବ୍ୟାପକତା ଏବେ ବିଶ୍ୱ ଶାନ୍ତି ଓ ଅର୍ଥନୀତି ପାଇଁ ଏକ ବଡ଼ ପ୍ରତିବନ୍ଧକ ସାଜିଛି।

ଆଜି ସକାଳେ ଇରାନ ଦ୍ୱାରା ହୋଇଥିବା ଏକ ଡ୍ରୋନ୍ ଆକ୍ରମଣରେ ଦୁବାଇ ବନ୍ଦରରେ ଥିବା କୁଏତର ଏକ ତୈଳ ଟ୍ୟାଙ୍କରରେ ଭୟଙ୍କର ନିଆଁ ଲାଗିଛି। ଜାହାଜଟି ଅଶୋଧିତ ତୈଳରେ ଭର୍ତ୍ତି ଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### 'ଗଣତନ୍ତ୍ରରେ ଗଣମାଧ୍ୟମର ...

ଜନହିତ ପାଇଁ ବଦ୍ଧପରିକର ହେବା ଆଜି ର ଆବଶ୍ୟକତା। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପ୍ରଥମ ଅଧିବେଶନ ରେ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଦେଇଥିବା ବେଳେ, ଏହାର ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ ସମୃଦ୍ଧ ଓଡିଶା ଗଠନ ପାଇଁ ଗଣମାଧ୍ୟମ ରାଜହିତ ଓ ଜନହିତ କୁ ସମନ୍ୱୟ କରି ନିର୍ଭିକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଦରକାର। ସମାଜ ରେ ଶୃଙ୍ଖଳା ଓ ରାଜ୍ୟ ର ସମୃଦ୍ଧି ପାଇଁ ଗଣମାଧ୍ୟମ ସେମାନଙ୍କ କଲମ ଓ କ୍ୟାମେରା ଚଳାଇବା ଏବେ ବଡ଼ ଆବଶ୍ୟକତା। ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଚାରିବର୍ଷ ଧରି କର୍ମଶାଳା ମାଧ୍ୟମରେ ଯେପରି ସଚେତନତା ସୃଷ୍ଟି କରୁଛି ତାହା ଉଲ୍ଲେଖନୀୟ। ଏହି ଅଧିବେଶନରେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ , ବିଜେପି ଜିଲ୍ଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରେଇ ଓ ସୂର୍ଯ୍ୟ ରଥ ଯୋଗଦେଇଥିବା ବେଳେ, ରାଜେଶ୍ ମହାନ୍ତିଙ୍କ ସଂପାଦନାରେ ଶ୍ରୀଶ୍ରୀ କ୍ଷେତ୍ର ସୂଚନା ସମ୍ବାଦପତ୍ର ର ସ୍ୱନକ୍ଷତ୍ର ସଂଖ୍ୟାକୁ ସମସ୍ତ ଅତିଥି ଉନ୍ମୋଚନ କରିଥିଲେ। ଏହି ଅବସରରେ ଦୀର୍ଘ ୪୨ ବର୍ଷ ଧରି ଜନହିତ ଓ ଦେଶହିତ ପାଇଁ କାର୍ଯ୍ୟରତ,ଅପ୍ରତିହତ, ଅବିଚଳିତ ଓ ନିର୍ଭୀକ ସଂପାଦନା ପାଇଁ ଦୈନିକ ସମ୍ବାଦପତ୍ର ନିର୍ଭୟ ର ସଂପାଦକ ନବୀନ ଦାସଙ୍କୁ ଅତିଥିମାନେ ଜୀବନବ୍ୟାପୀ ସାଧନା ପାଇଁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଓଡ଼ିଶା ର ବିଶିଷ୍ଟ ଉଦଘୋଷକ ତଥା ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ରଥ ଓ ଡକ୍ଟର ବିଶ୍ୱନାଥ ମିଶ୍ର ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଭରତ କୁମାର ନାୟକ। ପରିଚାଳନା ରେ ସହଯୋଗ କରିଥିଲେ ସନ୍ତୋଷ କୁମାର ମହାନ୍ତି, ରାଜକିଶୋର ପାଣିଗ୍ରାହୀ,ଭବାନୀ ଶଙ୍କର ସାହୁ, ବିଦ୍ରୋହ ସିଂ,ରୀତେଶ ମହାନ୍ତି, ସତ୍ୟବ୍ରତ ଦାସ,ନାରାୟଣ ପାତ୍ର, ନୃସିଂହ ଦାସ,, ଶିବସୁନ୍ଦର ମିଶ୍ର. ଓ ଦେବେନ୍ଦ୍ର ମହାପାତ୍ର।

### ଓଡ଼ିଆ ଜାତିକୁ ଆଉ କେହି...

ପରିଦର୍ଶନ କରିଥିଲେ। ଏହାପରେ ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ।

ସାଧାରଣସଭାରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ କହିଥିଲେ ଯେ ଓଡ଼ିଆ ଜାତିକୁ ଆଉ କେହି ଅଟକାଇ ପାରିବେ ନାହିଁ। ସବୁ କ୍ଷେତ୍ରରେ ପୂର୍ଣ୍ଣ ସାମର୍ଥ୍ୟ ହାସଲ କରି ଓଡ଼ିଆ ଜାତି ଏକ ସମୃଦ୍ଧ ରାଜ୍ୟ ଭାବରେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ହୋଇ ବିଶ୍ୱ ପଟଳରେ ଭାରତର ମର୍ଯ୍ୟାଦାକୁ ବୃଦ୍ଧି କରିବ। ସାଧାରଣ ଦିଶୁଥିବା ଏକ ସ୍ଥାନରେ ଜନ୍ମହୋଇ, ସବୁ ସାଧାରଣ ସାମଗ୍ରୀ ବ୍ୟବହାର କରି, ନିଜର କର୍ମବଳରେ ଜଣେ ବ୍ୟକ୍ତି କିପରି ଈଶ୍ୱରତୁଲ୍ୟ ହୋଇପାରେ କହି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଣ୍ଡିତ ଗୋପବନ୍ଧୁଙ୍କୁ ସମଗ୍ର ଭାରତବର୍ଷ ପାଇଁ ଏକ ଉଦାହରଣ ବୋଲି କହିବା ସହିତ ଗୋପବନ୍ଧୁଙ୍କ ଦୁଃଖ, କଷ୍ଟ ଓ ତ୍ୟାଗ ଆଜି ଓଡ଼ିଆ ଜାତିର ଭାଗ୍ୟକୁ ବଦଳାଇ ଦେଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପଣ୍ଡିତ ଗୋପବନ୍ଧୁଙ୍କ ଅମ୍ଳାନ ସ୍ମୃତିକୁ ଆହୁରି ଦୀପ୍ତିମାନ କରିବା ପାଇଁ ତାଙ୍କ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ପ୍ରତିଶୃତିବଦ୍ଧ। ସତ୍ୟବାଦୀ ବନ ବିଦ୍ୟାଳୟ ଓ ସମଗ୍ର ଅଞ୍ଚଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଏଥିପାଇଁ ରାଜ୍ୟ ସରକାର ୫୮୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏହା ଖୁବ୍ ଶୀଘ୍ର ଆରମ୍ଭ ହେବ । ଐତିହାସିକ ବକୁଳବନର ପୁନରୁତ୍ଥାନ ଓ ବିକାଶ ପାଇଁ ପ୍ରାୟ ୯୦ କୋଟି ଟଙ୍କା ବିନିଯୋଗ କରାଯିବ । ଏହା ସହିତ ୪୯୫ କୋଟି ଟଙ୍କାରେ ସତ୍ୟବାଦୀ ଅଞ୍ଚଳର ପୁନର୍ବିକାଶ କରାଯିବ । ଏଠାରେ ହେରିଟେଜ କରିଡର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ ଆମ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରସାର ପାଇଁ ସମ୍ପୂର୍ଣ୍ଣଭାବେ ପ୍ରତିବଦ୍ଧ । ଗୋଟିଏ ଜାତିର ଉତ୍ଥାନର ମୂଳଶକ୍ତି ହେଉଛି ତା'ର ଅସ୍ମିତା । ଅସ୍ମିତା ବିନା ଗୋଟିଏ ଜାତି ଆତ୍ମା ବିହୀନ ମେସିନ୍ ପରି । ତେଣୁ, ଅର୍ଥନୈତିକ ବିକାଶ ସହିତ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଆମର ପ୍ରାଥମିକତା । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପରମ ଆରାଧ୍ୟ । ଜଗନ୍ନାଥଙ୍କ ଭକ୍ତିରେ ହିଁ ଓଡ଼ିଆ ଜାତିର ଶାନ୍ତି । ତାଙ୍କ ଆଶୀର୍ବାଦରେ ଓଡ଼ିଶା ଆଜି ୯୦ଟି ଗୌରବମୟ ବର୍ଷ ଅତିକ୍ରମ କରି ବର୍ତ୍ତମାନରେ ପହଞ୍ଚିଛି । ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଓ ପୁରୀ ସହରର ବିକାଶ ପାଇଁ ଆମ ସରକାର ପ୍ରତିଶୃତିବଦ୍ଧ ।

ମହାପ୍ରଭୁଙ୍କ ମହିମାର ପ୍ରସାର ପାଇଁ ପୁରୀଠାରେ ଏକ ହଜାର କୋଟି ଟଙ୍କା ବ୍ୟୟରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପ୍ରତିଷ୍ଠା କରାଯିବା ସହିତ ଗୁଣ୍ଡିଚା ମନ୍ଦିର, ଏମାର ମଠ ଓ ରଘୁନନ୍ଦନ ଲାଇବ୍ରେରୀ ଭଳି ଐତିହାସିକ ଓ ଆଧ୍ୟାତ୍ମିକ ପୀଠର ଗୌରବର ପୁନଃଉଦ୍ଧାର କରାଯିବ। ପୁରୀକୁ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ପାଇଁ ଆମ ସରକାର ୧୫୦୦ ଏକର ପରିମିତ ଅଞ୍ଚଳରେ ଶାମୁକା ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏହି ପ୍ରକଳ୍ପ ନୈସର୍ଗିକ ବେଳାଭୂମି ଓ ଅତ୍ୟାଧୁନିକ ଭିତ୍ତିଭୂମିର ସମନ୍ୱୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ ବୋଲି ସେ କହିଥିଲେ ।

ସେ ଆହୁରି ମଧ୍ୟ କହିଥିଲେ ଯେ ପୁରୀ ଠାରେ ଏକ ବିଶ୍ୱ ପର୍ଯ୍ୟଟନସ୍ଥଳୀ ପ୍ରତିଷ୍ଠା କରାଯିବ। ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ମଧ୍ୟ ଆମେ ପଦକ୍ଷେପ ନେଇଛୁ । ଏହା ସହିତ ଆମର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାର ପୁନରୁଦ୍ଧାର କରାଯାଇ ଏହାକୁ ମଧ୍ୟ ବିଶ୍ୱସ୍ତରୀୟ ଇକୋଟୁରିଜିମ୍ ହବ୍‌ରେ ପରିଣତ କରାଯିବ। ପୁରୀରେ ଏୟାରପୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଜାରି ରହିଛି। ଭୁବନେଶ୍ୱରରୁ ପୁରୀ ଏନଏଚ୍‌ର ପ୍ରଶସ୍ତିକରଣ କରାଯିବ । ସମଗ୍ର ପୁରୀ ଜିଲ୍ଲା ଏକ ବିକଶିତ ଅଞ୍ଚଳରେ ପରିଣତ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଭିତ୍ତିଭୂମିକୁ ସୁଦୃଢ଼ କରୁଥିବା ବିଷୟରେ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ପ୍ରାୟ ୮୦ ହଜାର କୋଟି ଟଙ୍କାର ଜାତୀୟ ରାଜପଥ କାମ ଜାରି ରହିଛି । ଆମ ସରକାର ମଧ୍ୟ ତିନୋଟି ଗୁରୁତ୍ୱପୂର୍ଣ୍ଣ ସଡକ ପ୍ରକଳ୍ପ ପାଇଁ ଯୋଜନା କରିଛନ୍ତି । ପୁରୀରେ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ସହିତ ଆହୁରି ୭ଟି ଏୟାରପୋର୍ଟ ନିର୍ମାଣ ପାଇଁ ଯୋଜନା କରାଯାଉଛି । ପ୍ରାୟ ୧୫ଟି ଜିଲ୍ଲାରେ ଗୋଟିଏ ଗୋଟିଏ ହେଲିପୋର୍ଟ ମଧ୍ୟ କରାଯିବ। ସାମୁଦ୍ରିକ ବାଣିଜ୍ୟ ଓ ଯୋଗାଯୋଗ ପାଇଁ କେନ୍ଦ୍ରାପଡା ଠାରେ ପ୍ରାୟ ୨୫ ହଜାର କୋଟି ଟଙ୍କା ବିନିଯୋଗରେ ଏକ ମେଗା ସିପ୍ ବିଲ୍ଡିଙ୍ଗ କ୍ଲଷ୍ଟର ନିର୍ମାଣ କରାଯିବ । ଦୁଇ ବର୍ଷ ର ସଫଳତା ବିଷୟରେ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ୧୦୯ଟି ପ୍ରକଳ୍ପ ଗ୍ରାଉଣ୍ଡିଙ୍ଗ କରିଛୁ। ଏହାର ଶିଳାନ୍ୟାସ କିମ୍ବା ଉଦ୍‌ଘାଟନ ହୋଇଛି। ଏହାଦ୍ୱାରା ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ତେଣୁ, ଆମର ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯେଉଁ ଲକ୍ଷ୍ୟ ଅଛି, ତାହା ନିଶ୍ଚିତ ପୂରଣ ହେବ । ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିର ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ମହିଳା ସଶକ୍ତିକରଣ ପାଇଁ ଆମେ ଏକ ନୂଆ ଯୋଜନା ଆରମ୍ଭ କରୁଛୁ। ଏହା ହେଉଛି ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା। ଏହି ଯୋଜନାରେ ଆର୍ଥିକ ଦୁର୍ବଳ ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ପାଇଁ ୨୦ ହଜାର ଟଙ୍କାର ସଞ୍ଚୟ ପାଣ୍ଠି ଖୋଲାଯିବ। ଝିଅ ଗ୍ରାଜୁଏଟ୍ ହେଲାପରେ ତାକୁ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ସବୁ ଝିଅ ଅତିକମ୍‌ରେ ଗ୍ରାଜୁଏଟ୍ ହେବାପାଇଁ ନିଶ୍ଚିତ ଭାବରେ ଚାହିଁବେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାକୁ ମୁଖ୍ୟମନ୍ତ୍ରୀ ପାଠ କରିବା ସହିତ ଉଭୟଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ଭାରତର ରାଷ୍ଟ୍ରପତି, ଓଡିଶା ପୋଲିସର ୯୧ତମ ସ୍ଥାପନା ଦିବସ ଅବସରରେ ଉତ୍କୃଷ୍ଟ ସେବା ପାଇଁ ଐତିହାସିକ ସମ୍ମାନ 'ପ୍ରେସିଡେଣ୍ଟସ୍ କଲର୍ ଆୱାର୍ଡ' କୁ ଅନୁମୋଦନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ଉତ୍କଳମଣି ସ୍ମୃତି ପରିଷଦର ସଭାପତି ଶ୍ରୀଯୁକ୍ତ ଧୀରେନ୍ଦ୍ର ଦାସ ଏବଂ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍ ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଶ୍ରୀଜଗନ୍ନାଥ ସଂସ୍କୃତିର ...

**ସାହି ଯାତ୍ରାର ଐତିହ୍ୟ ଓ ପରମ୍ପରା**

ସାହି ଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଶତାବ୍ଦୀ ପୁରୁଣା ଲୋକକଳାର ଏକ ସଜିବ ଉଦାହରଣ। ଏହାର ମୂଳ ଉଦ୍ଭବ ରାମାୟଣ ଓ ପୁରାଣ ସଂପୃକ୍ତ ଘଟଣାମାନଙ୍କୁ ଲୋକମାନଙ୍କ ସାମ୍ନାରେ ଉପସ୍ଥାପନ କରିବାରୁ ହୋଇଛି। ଏହି ଯାତ୍ରାରେ ପ୍ରଧାନତଃ ଶ୍ରୀରାମ, ଲକ୍ଷ୍ମଣ, ସୀତା, ରାବଣ, ହନୁମାନ, ନୃସିଂହ ଆଦି ପୌରାଣିକ ଚରିତ୍ର ଦେଖାଯାଇଥାଏ। ପୁରୀର ଲୋକମାନଙ୍କ ମତାନୁସାରେ, ସାହି ଯାତ୍ରା ଜଗନ୍ନାଥ ସଂସ୍କୃତିର ଏକ ଅଂଶ ଭାବେ ଗଢ଼ିଉଠିଛି, ଯାହା ମାନବୀୟ ମୂଲ୍ୟ, ଧର୍ମ, ସାହସ ଓ ନ୍ୟାୟର ସନ୍ଦେଶ ପ୍ରସାର କରେ। ସାହି ଯାତ୍ରାର ଆରମ୍ଭ ହୁଏ ରାମ ନବମୀ ଦିନଠାରୁ। ଏହି ଦିନରୁ ପୁରୀର ଗଳି ଓ ରାସ୍ତାଗୁଡ଼ିକ ଉତ୍ସବର ରଙ୍ଗରେ ରଙ୍ଗିତ ହୋଇଯାଏ। ପ୍ରତ୍ୟେକ ସାହି ନିଜସ୍ୱ ଶୈଳୀରେ ଯାତ୍ରାରେ ଅଂଶଗ୍ରହଣ କରେ। ପୁରୀର ପ୍ରମୁଖ ସାହିମାନେ ଯଥା ହରଚଣ୍ଡୀ ସାହି, କାଳିକାଦେବୀ ସାହି, ଗୌଡ଼ବାଦ ସାହି, ମାର୍କଣ୍ଡେଶ୍ୱର ସାହି ଆଦିରୁ ଅନେକ କଳାକାର ଏହି ଉତ୍ସବରେ ଭାଗ ନେଇଥାନ୍ତି। ସେମାନେ ନିଜ-ନିଜ ସାହିର ପରମ୍ପରାକୁ ରକ୍ଷା କରିବା ସହିତ ନୂତନ ପିଢ଼ୀକୁ ଏହା ସହ ଯୋଡ଼ିବାରେ ମୁଖ୍ୟ ଭୂମିକା ନେଉଛନ୍ତି।

**ଯୁବ ଶକ୍ତିର ସାହସିକ ପ୍ରଦର୍ଶନ**

ସାହି ଯାତ୍ରାର ସବୁଠାରୁ ବଡ ଆକର୍ଷଣ ହେଉଛି ଯୁବକମାନଙ୍କର ଅଦ୍ଭୁତ ପ୍ରଦର୍ଶନ। ଯୁବ କଳାକାରମାନେ ନୃତ୍ୟ, ଯୁଦ୍ଧ କୌଶଳ, ଅକ୍ରୋବାଟିକ୍ସ ଓ ନାଟ୍ୟର ସଂଯୋଗରେ ଲୋକମାନଙ୍କୁ ମନୋମୁଗ୍ଧ କରନ୍ତି।ରାବଣଙ୍କ ଯୁଦ୍ଧ ଶୈଳୀ, ନୃସିଂହଙ୍କ ଉଗ୍ର ରୂପ, ହନୁମାନଙ୍କ ଶକ୍ତି ପ୍ରଦର୍ଶନ— ଏସବୁ ଦୃଶ୍ୟ ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରେ। ଏହା କେବଳ ଏକ ନାଟକୀୟ ପ୍ରଦର୍ଶନ ନୁହେଁ, ବରଂ ଏକ ଆତ୍ମିକ ଅନୁଭୂତି ମଧ୍ୟ।

**ସାମାଜିକ ଗଣମାଧ୍ୟମ: ପରମ୍ପରାକୁ ବିଶ୍ୱମଞ୍ଚରେ ନେବାର ସୁଯୋଗ**

ଆଜିର ଡିଜିଟାଲ ଯୁଗରେ ସାମାଜିକ ଗଣମାଧ୍ୟମ ସବୁଠାରୁ ବଡ ପ୍ଲାଟଫର୍ମ ହୋଇଉଠିଛି। ପୁରୀର ଏହି ଅନନ୍ୟ ସାହି ଯାତ୍ରାକୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ସରକାରୀ ସ୍ତରରେ ପ୍ରଚାର ଅତ୍ୟନ୍ତ ଆବଶ୍ୟକ। ଶ୍ରୀ ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରର ବିଭିନ୍ନ ବିଭାଗ ଯଦି ନିଜ-ନିଜ ସୋସିଆଲ ମିଡିଆ ପୃଷ୍ଠାରୁ ଏହି ଉତ୍ସବର ଛବି, ଭିଡିଓ ଓ ତଥ୍ୟ ପ୍ରଚାର କରନ୍ତି, ତେବେ ଏହା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂତନ ପରିଚୟ ସୃଷ୍ଟି କରିପାରିବ।

**ପର୍ଯ୍ୟଟନ ଉନ୍ନତିରେ ସାହି ଯାତ୍ରାର ଭୂମିକା**

ସାହି ଯାତ୍ରା କେବଳ ଧାର୍ମିକ ଉତ୍ସବ ନୁହେଁ, ଏହା ପର୍ଯ୍ୟଟନକୁ ବି ଉତ୍ସାହିତ କରେ। ପ୍ରତିବର୍ଷ ହଜାରହଜାର ଦେଶୀ ଓ ବିଦେଶୀ ପର୍ଯ୍ୟଟକ ଏହି ଉତ୍ସବ ଦେଖିବାକୁ ପୁରୀକୁ ଆସନ୍ତି।

ଏହା ଦ୍ୱାରା ସ୍ଥାନୀୟ ବ୍ୟବସାୟ, ହସ୍ତଶିଳ୍ପ, ଖାଦ୍ୟ ଓ ସେବା ଖାତରେ ମଧ୍ୟ ଉନ୍ନତି ଘଟେ। ଯଦି ସଠିକ ଭାବରେ ପ୍ରଚାର କରାଯାଏ, ସାହି ଯାତ୍ରା ଓଡ଼ିଶାର ପର୍ଯ୍ୟଟନର ଏକ ପ୍ରମୁଖ ଆକର୍ଷଣ ହୋଇପାରିବ।









ପୁରୀ ଶ୍ରୀରାମ ନବମୀ ଉପଲକ୍ଷେ ପୁରୀ ଷ୍ଟେସନ ରୋର୍ଡ଼ ସ୍ଥିତ ରାମ ମନ୍ଦିରଠାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଲେ ସାଂସଦ ସମ୍ବିତ ପାତ୍ର , ରାଜ୍ୟ ସଭା ସାଂସଦ ଶୁବାସିଷ ଖୁଣ୍ଟିଆ ଓ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଢଙ୍ଗୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ



ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ମନ୍ଦିର ଉନ୍ନତିକରଣ ଓ ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ତଦାରଖ କରିବା ସହ ବିଭାଗୀୟ ଅଧିକାରୀ ଓ ମନ୍ଦିର ପ୍ରଶାସନ ମାନଙ୍କ ସହ ଆଲୋଚନା କରିଛନ୍ତି ଆଇନି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ଅବସରରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା, ନୀତି ପ୍ରଶାସକ ଶ୍ରୀ ପ୍ରିୟରଞ୍ଜନ ପୃଷ୍ଟି, ପୁରୀ ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀଙ୍କ ସମେତ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।






# ନୋଇଡା ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନଏଡା: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ଜିଓ୍ୱାରଠାରେ ନୋଇଡା ଅନ୍ତର୍ଜାତୀୟ ବିମାନବନ୍ଦରର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗର୍ବ ଓ ଆନନ୍ଦ ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ବିକଶିତ ଉତ୍ତରପ୍ରଦେଶ ଓ ବିକଶିତ ଭାରତ ଅଭିଯାନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ାଯାଇଛି। ଭାରତର ବୃହତ୍ତମ ରାଜ୍ୟ ଏବେ ସର୍ବାଧିକ ସଂଖ୍ୟକ ଅନ୍ତର୍ଜାତୀୟ ବିମାନବନ୍ଦର ଥିବା ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ ପାଲଟିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ସେ ଦୁଇଗୁଣ ଆନନ୍ଦ ଅନୁଭବ କରୁଛନ୍ତି, ପ୍ରଥମତଃ ସେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଓ ଏବେ ଉଦ୍‌ଘାଟନ ମଧ୍ୟ କରିଛନ୍ତି ଓ ଦ୍ୱିତୀୟତଃ ଏହି ବିମାନବନ୍ଦରର ନାମ ଉତ୍ତରପ୍ରଦେଶ ସହିତ ସଂପର୍କିତ ରହିଛି। "ଏହି ରାଜ୍ୟ ମୋତେ ନିଜର ପ୍ରତିନିଧି ଭାବେ ସଂସଦକୁ ପଠାଇଥିଲା ଓ ଏହାର ନାମ ଏବେ ଏହି ଭବ୍ୟ ବିମାନବନ୍ଦର ସହ ଯୋଡ଼ି ହୋଇଛି।

ନବନିର୍ମିତ ନୋଏଡା ବିମାନବନ୍ଦରର ସୁଦୂରପ୍ରସାରୀ ପ୍ରଭାବ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ନୋଏଡା ବିମାନବନ୍ଦର ଆଗ୍ରା, ମଥୁରା, ଆଲିଗଡ଼, ଗାଜିଆବାଦ, ମିରଟ, ଇଟାଓ୍ୱା, ବୁଲନ୍ଦସହର ଏବଂ ଫରିଦାବାଦ ସମେତ ଏକ ବିସ୍ତୃତ ଅଞ୍ଚଳକୁ ଉପକୃତ କରିବ। ଏହି ବିମାନବନ୍ଦର ପଶ୍ଚିମ ଉତ୍ତର ପ୍ରଦେଶର ଚାଷୀ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଏବଂ ଯୁବକମାନଙ୍କ ପାଇଁ ଅନେକ ନୂତନ ନିଯୁକ୍ତି ସୁଯୋଗ ଆଣିବ। ଶ୍ରୀ ମୋଦୀ କହିଛନ୍ତି, "ଏଠାରୁ ସାରା ବିଶ୍ୱକୁ ବିମାନ ଉଡ଼ିବ ଏବଂ ଏହି ବିମାନବନ୍ଦର 'ବିକଶିତ ଉତ୍ତରପ୍ରଦେଶର ଉଡ଼ାଣର ପ୍ରତୀକ ହେବ।" ଏଥିପାଇଁ ସେ ରାଜ୍ୟର



ଲୋକମାନଙ୍କୁ, ବିଶେଷକରି ପଶ୍ଚିମ ଉତ୍ତର ପ୍ରଦେଶର ଲୋକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ।

ବର୍ତ୍ତମାନର ବିଶ୍ୱ ପରିସ୍ଥିତି ଉପରେ ବକ୍ତବ୍ୟ ରଖି ପ୍ରଧାନମନ୍ତ୍ରୀ କହିଥିଲେ ଯେ ପଶ୍ଚିମ ଏସିଆରେ ଏକ ମାସରୁ ଅଧିକ ସମୟ ଧରି ଯୁଦ୍ଧ ଚାଲିଛି ଓ ଏହାକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ ଅଛି। ଏହା ଫଳରେ ଅନେକ ଦେଶରେ ଖାଦ୍ୟ, ପେଟ୍ରୋଲ, ଡିଜେଲ, ଗ୍ୟାସ ଏବଂ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ରହିଛି। ଭାରତ ଏହି ଯୁଦ୍ଧଗ୍ରସ୍ତ ଅଞ୍ଚଳରୁ ପ୍ରଚୁର ପରିମାଣରେ ଅଶୋଧିତ ତେଲ ଏବଂ ଗ୍ୟାସ ଆମଦାନୀ କରେ। ତେବେ ଶ୍ରୀ ମୋଦୀ ଆଶ୍ୱାସନା ଦେଇ କହିଥିଲେ, "ସରକାର ଏହି ସଙ୍କଟର ବୋଝ ସାଧାରଣ ପରିବାର ଏବଂ କୃଷକଙ୍କ ଉପରେ ନପଡ଼ିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନେଉଛନ୍ତି।"

ବିଶ୍ୱ ସଙ୍କଟ ସମୟରେ ମଧ୍ୟ ଭାରତର ନିରନ୍ତର ଦ୍ରୁତ ଅଭିବୃଦ୍ଧି କଥା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେବଳ ପଶ୍ଚିମ ଉତ୍ତର ପ୍ରଦେଶରେ ଗତ କିଛି ସପ୍ତାହ ମଧ୍ୟରେ ଏହା ଉଦ୍‌ଘାଟିତ କିମ୍ବା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଚତୁର୍ଥ ପ୍ରମୁଖ ପ୍ରକଳ୍ପ। "ଏହି ସମୟ ମଧ୍ୟରେ, ନୋଏଡାରେ ଏକ ପ୍ରମୁଖ ସେମିକଣ୍ଡକ୍ଟର କାରଖାନାର ଶିଳାନ୍ୟାସ କରାଯାଇଥିଲା, ଦେଶର ପ୍ରଥମ ଦିଲ୍ଲୀ-ମିରଟ ନମୋ ଭାରତ ଟ୍ରେନ୍ ଚାଲିଥିଲା, ମିରଟ ମେଟ୍ରୋର ସଂପ୍ରସାରଣ କରାଯାଇଥିଲା ଏବଂ ଆଜି ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍‌ଘାଟିତ ହେଉଛି," ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି।

ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ସାମୂହିକ ପ୍ରୟାସ ଏବଂ ଜାତୀୟ ଏକତା ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ସଂସଦରେ ଏ ନେଇ ବିସ୍ତୃତଭାବେ ଆଲୋଚନା କରିଛନ୍ତି । ବର୍ତ୍ତମାନ ଚାଲିଥିବା ସଂଘର୍ଷରୁ ଉପୁଜିଥିବା ସଙ୍କଟର ମୁକାବିଲା କିପରି କରିବେ ସେ ବିଷୟରେ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ମଧ୍ୟ ବିସ୍ତୃତ ଆଲୋଚନା କରିଛନ୍ତି। ସେ ଲୋକମାନଙ୍କୁ ଶାନ୍ତି ଏବଂ ଧୈର୍ଯ୍ୟର ସହିତ ଏହି ସଙ୍କଟର ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ ଓ ଏହାକୁ ଭାରତୀୟମାନଙ୍କର ସର୍ବଶ୍ରେଷ୍ଠ ଶକ୍ତି ବୋଲି କହିଥିଲେ। ସେ କହିଥିଲେ ଯେ ଭାରତୀୟମାନଙ୍କ ସ୍ୱାର୍ଥ ଏବଂ ଭାରତର ସ୍ୱାର୍ଥରେ ଯାହା ଅଛି ତାହା ଭାରତ ସରକାରଙ୍କ ନୀତି ଏବଂ ରଣନୀତି। ଶ୍ରୀ ମୋଦୀ ଶେଷରେ କହିଥିଲେ, "ମୁଁ ବିଶ୍ୱାସ କରୁଛି ଯେ ସମସ୍ତ ରାଜନୈତିକ ଦଳ ଦେଶର ସାମୂହିକ ପ୍ରୟାସକୁ ମଜବୁତ କରିବେ।"

# ଚୀନ ସିସିଟିଭି କ୍ୟାମେରା ନିଷିଦ୍ଧ

ନୂଆଦିଲ୍ଲୀ: ଚୀନ କମ୍ପାନିଗୁଡ଼ିକ ଭାରତରେ ଆଉ ନିଜର ସିସିଟିଭି ବିକ୍ରି କରିପାରିବେ ନାହିଁ। ସେମାନଙ୍କ ସିସିଟିଭିକୁ କେନ୍ଦ୍ର ସରକାର ନିଷିଦ୍ଧ କରିଛନ୍ତି। ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଚୀନର ପ୍ରମୁଖ ସିସିଟିଭି ନିର୍ମାତା ହିକ୍‌ଭିଜନ ଓ ଡାହୁଆ ଟେକ୍ନୋଲୋଜି ପ୍ରଭାବିତ ହେବେ। କିନ୍ତୁ ଏହି ନିଷ୍ପତ୍ତି ଘରୋଇ ସିସିଟିଭି ନିର୍ମାତାମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ଚୀନର କମ୍ପାନିଗୁଡ଼ିକ ଇଣ୍ଟରନେଟ୍ ସହ ସଂଯୋଗ ହେଉଥିବା ସିସିଟିଭି କ୍ୟାମେରା ଓ ସେହି ଧରଣର ଭିଡିଓ ନିରୀକ୍ଷଣ ଉତ୍ପାଦକୁ ଏପ୍ରିଲ୍ ୧ରୁ ଭାରତରେ ବିକ୍ରି କରିପାରିବେ ନାହିଁ। ସରକାର ଏକ ନୂଆ ସାର୍ଟିଫିକେସନ ନିୟମ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଭାରତରେ ସିସିଟିଭି ବିକ୍ରି କରିବା ପୂର୍ବରୁ କମ୍ପାନିମାନଙ୍କୁ ପ୍ରଥମେ ସେହି ସାର୍ଟିଫିକେସନ ହାସଲ କରିବାକୁ ପଡ଼ିବ। ଭିଡିଓ ଜରିଆରେ ନିରୀକ୍ଷଣ ବା ନଜର ରଖିବା ଉତ୍ପାଦଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଭାବେ ବିଚାର କରାଯାଉଛି। କାରଣ ତାହା ଜରିଆରେ ବିମାନବନ୍ଦର, ସରକାରୀ କୋଠା ଓ ପରିବହନ ପେଣ୍ଠସ୍ଥଳଗୁଡ଼ିକର ଅନେକ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରାଯାଉଛି। ବିଦେଶରେ ନିର୍ମିତ ସିସିଟିଭି ଜରିଆରେ ସେହି ସବୁ ତଥ୍ୟ ଚୋରି ହେବାର ଆଶଙ୍କା ରହିଛି।

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ୨୦୨୪ ଏପ୍ରିଲ୍‌ରେ ସିସିଟିଭି କ୍ୟାମେରାକୁ ନେଇ ଜରୁରୀ ଆବଶ୍ୟକ ନିୟମ ଘୋଷଣା କରାଯାଇଥିଲା। ତାହାକୁ ପାଳନ କରିବା ପାଇଁ କମ୍ପାନିମାନଙ୍କୁ ଦୁଇ ବର୍ଷ ସମୟ ଦିଆଯାଇଥିଲା। ନୂଆ ନିୟମରେ ସିସିଟିଭି ନିର୍ମାତା ଓ ବିକ୍ରେତାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଉପକରଣ କେଉଁ ଦେଶରୁ ସଂଗ୍ରହ କରାଯାଇଛି ତାହା ଜଣାଇବାକୁ ପଡ଼ିବ। ଡିଭାଇସ୍‌ଟି ବଜାରରେ ବିକ୍ରି ହେବା ପୂର୍ବରୁ ତାହାକୁ ଏକ ସ୍ୱୀକୃତିପ୍ରାପ୍ତ ଲ୍ୟାବ୍‌ରେ ପରୀକ୍ଷା କରାଯିବ। ଏହି ଫ୍ରେମ୍‌ଓ୍ୱାର୍କ ଅଧୀନରେ ସରକାର ୫୦୭ ସିସିଟିଭି ମଡେଲ୍‌କୁ ଅନୁମତି ଦେଇଛନ୍ତି। ଭାରତରେ ବର୍ଷକୁ ୭୫୦ କୋଟି ଡଲାରରୁ ଅଧିକ ମୂଲ୍ୟର ସିସିଟିଭି କ୍ୟାମେରା ବିକ୍ରି ହେଉଛି।

# ପ୍ରିଜିମ୍-ଏସଜି ପୋର୍ଟାଲର ଶୁଭାରମ୍ଭ

ନୂଆଦିଲ୍ଲୀ: ଭିତ୍ତିଭୂମି ବିକାଶରେ ଦକ୍ଷତା, ସ୍ୱଚ୍ଛତା ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟ ବୃଦ୍ଧି ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀ, ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ଆଇ. ଟି. ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଜି ନୂଆଦିଲ୍ଲୀରେ 'ପ୍ରିଜିମ୍-ଏସ୍. ଜି.' (ରେଳ-ସଡ଼କ ନିରୀକ୍ଷଣ ଏବଂ ପର୍ଯ୍ୟାୟ ପରିଚାଳନା ଷ୍ଟିଲ୍ ଗ୍ରିଡର୍ସ ପାଇଁ ପୋର୍ଟାଲ୍) ପୋର୍ଟାଲର ଶୁଭାରମ୍ଭ କରିଛନ୍ତି।

ସଡ଼କ ଓଭର ବ୍ରିଜ୍ (ଆର୍. ଓ. ବି.) ନିର୍ମାଣ ସମ୍ବନ୍ଧୀୟ ପ୍ରମୁଖ ଅନୁମୋଦନ ଏବଂ ଯାଞ୍ଚ ପ୍ରକ୍ରିୟାକୁ ଡିଜିଟାଇଜେସନ୍ କରିବା ପାଇଁ ପ୍ରିଜିମ୍-ଏସ୍. ଜି. ପୋର୍ଟାଲ ବିକଶିତ କରାଯାଇଛି ଏବଂ ଏଥିରେ ଗୁଣବତ୍ତା ଆଶ୍ୱାସନା ଯୋଜନା (କ୍ୟୁ. ଏ. ପି.), ଓ୍ୱେଲ୍ଡିଂ ପ୍ରୋସିଡିଓର ସ୍ପେସିଫିକେସନ୍ ସିଟ୍ (ଡବ୍ଲ୍ୟୁ. ପି. ଏସ୍. ଏସ୍.) ଏବଂ ଇସ୍ପାତ ଗାର୍ଡ ଗୁଡ଼ିକର ନିର୍ମାଣ ପର୍ଯ୍ୟାୟ ଯାଞ୍ଚ ମଧ୍ୟ ଅନ୍ତର୍ଭୁକ୍ତ। ଏହି ପୋର୍ଟାଲ ଦ୍ୱାରା ଅନଲାଇନରେ ଦସ୍ତାବିଜ ଦାଖଲ, ଯାଞ୍ଚ, ପ୍ରଶ୍ନ ଉଠାଇବା ଏବଂ ସମାଧାନ, ଅନୁମୋଦନ, ଯାଞ୍ଚର ସମୟ ନିର୍ଦ୍ଧାରଣ, ନିରୀକ୍ଷଣ ରିପୋର୍ଟ, ଫଟୋ, ପରୀକ୍ଷା ଫଳାଫଳ ଅପଲୋଡ କରିବା, ସମ୍ପୂର୍ଣ୍ଣ ଅଡିଟ୍ ଏବଂ ବାସ୍ତବ-ସମୟ ନିରୀକ୍ଷଣ ହୋଇପାରିବ।

ବର୍ତ୍ତମାନ, ଆର୍. ଓ. ବି. ନିର୍ମାଣ ପାଇଁ ଭାରତୀୟ ରେଳବାଇର ଏକାଧିକ ଅନୁମୋଦନ ଆବଶ୍ୟକ, ଯେପରିକି ଜେନେରାଲ ଆରେଜମେଣ୍ଟ ଡ୍ରଇଂ (ଜି.ଏ.ଡି.), ଢାଞ୍ଚାଗତ ଅଙ୍କନ, ଗୁଣବତ୍ତା ଆଶ୍ୱାସନା ଯୋଜନା (କ୍ୟୁ.ଏ.ପି.), ଓ୍ୱେଲ୍ଡିଂ ପ୍ରୋସିଡିଓର ସ୍ପେଶିଫିକେସନ ସିଟ୍ (ଡବ୍ଲ୍ୟୁ. ପି. ଏସ୍. ଏସ୍.) ଏବଂ ଷ୍ଟିଲ ଗ୍ରିଡର୍ସଗୁଡିକର ନିର୍ମାଣ ପର୍ଯ୍ୟାୟ ଯାଞ୍ଚ। ଜି. ଏ. ଡି. ଏବଂ ଢାଞ୍ଚାଗତ ଅଙ୍କନ ପାଇଁ ଅନୁମୋଦନ ଆର. ସି. ଏ. ଏସ୍. ପୋର୍ଟାଲ ଜରିଆରେ ପ୍ରକ୍ରିୟାକରଣ କରାଯାଉଥିବା ବେଳେ, କ୍ୟୁ. ଏ. ପି., ଡବ୍ଲ୍ୟୁ. ପି. ଏସ୍. ଏବଂ ଫାବ୍ରିକେସନ ଯାଞ୍ଚ ସମ୍ବନ୍ଧୀୟ ପ୍ରକ୍ରିୟାଗୁଡ଼ିକ ମୁଖ୍ୟତଃ ଅଫଲାଇନ କିମ୍ବା ଫିଜିକାଲ ମୋଡ ଜରିଆରେ କରାଯାଇଥାଏ। ଏହା ପ୍ରାୟତଃ ଅଂଶୀଦାରମାନଙ୍କ ମଧ୍ୟରେ ସୀମିତ ବାସ୍ତବ-ସମୟ ଟ୍ରାକିଂ ଏବଂ ସମନ୍ୱୟ ସହିତ ବିଳମ୍ବ ସୃଷ୍ଟି କରେ ।

ନୂତନ ଭାବେ ଆରମ୍ଭ ହୋଇଥିବା ପ୍ରିଜିମ୍-ଏସ୍. ଜି. ପୋର୍ଟାଲ୍ ଏକ ସମନ୍ୱିତ ଡିଜିଟାଲ ପ୍ଲାଟଫର୍ମ ପ୍ରଦାନ କରି ଏହି ଆହ୍ୱାନର ମୁକାବିଲା କରିଥାଏ, ଯାହା ସଡ଼କ ମାଲିକାନା ବିଭାଗ, ଭାରତୀୟ ରେଳବାଇ, ଠିକାଦାର, ଫାବ୍ରିକେଟର୍ସ ଏବଂ ନିରୀକ୍ଷଣ ସଂସ୍ଥା ସମେତ ସମସ୍ତ ପ୍ରମୁଖ ଅଂଶୀଦାରଙ୍କୁ ଏକାଠି କରିଥାଏ। ଏହି ପଦକ୍ଷେପ ଅନୁମୋଦନ ଏବଂ ନିରୀକ୍ଷଣ ସମୟସୀମା ପ୍ରାୟ ୧୨ ମାସରୁ ପ୍ରାୟ ୩ ରୁ ୪ ମାସକୁ ହ୍ରାସ କରିବାରେ ସାହାଯ୍ୟ କରିବ, ଯାହା ଦ୍ୱାରା ପ୍ରକଳ୍ପର ଦକ୍ଷତା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱରେ ଉନ୍ନତି ଘଟିବ। ଆର. ଓ. ବି. ଏବଂ ରେଳ ସେତୁଗୁଡ଼ିକର କାର୍ଯ୍ୟ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା, ଭିତ୍ତିଭୂମି ଯୋଗାଣକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ଯୋଗାଯୋଗ ବୃଦ୍ଧି କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ମନ୍ଦିରରେ ଦଳାଚକଟା, ୮ ମହିଳା ମୃତ

ନାଳନ୍ଦା: ମଙ୍ଗଳବାର ବିହାରର ନାଳନ୍ଦା ଜିଲ୍ଲାର ଶୀତଳା ମନ୍ଦିରରେ ଏକ ଧାର୍ମିକ ସମାବେଶ ସମୟରେ ଦଳାଚକଟାରେ ଆଠ ଜଣ ମହିଳାଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଆହତ ହୋଇଛନ୍ତି। ବହୁ ସଂଖ୍ୟକ ଭକ୍ତ ପୂଜା ପାଇଁ ଏକତ୍ରିତ ହେବା ପରେ ଏହି ଘଟଣା ଘଟିଥିଲା। ପ୍ରବଳ ଭିଡ଼ ଭିତରେ ଅନେକ ଲୋକ ଚାପି ହୋଇଯାଇଥିଲେ। ବିହାର ସରକାର ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ପରେ ପୁଲିସ ବାହିନୀ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ବିହାର ସରିଫ ଆସିଷ୍ଟାଣ୍ଟ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ୍ ନୁରୁଲ ହକ୍ କହିଛନ୍ତି, ମଙ୍ଗଳବାର ସକାଳେ ଶୀତଳା ମାତା ମନ୍ଦିରରେ ଦଳାଚକଟାରେ ଅତି କମ୍‌ରେ ଆଠ ଜଣ ମହିଳାଙ୍କର ମୃତ୍ୟୁ ଘଟିଛି। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ପ୍ରତି ମଙ୍ଗଳବାର ଏହି ମନ୍ଦିରକୁ ପାଟନା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଆସୁଛନ୍ତି। ଅନେକ ଏହି ଦୁଃଖଦ ଘଟଣା ପାଇଁ ଅବ୍ୟବସ୍ଥାକୁ ଦାୟୀ କରିଛନ୍ତି। ଚୈତ୍ର ଶେଷ ମଙ୍ଗଳବାର ହୋଇଥିବାରୁ ଭିଡ଼ ଅଧିକ ଥିଲା। ଅନ୍ୟପକ୍ଷରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ବିହାରର ନାଳନ୍ଦାରେ ଥିଲେ। ଏହି ଘଟଣା ସମୟରେ ନାଳନ୍ଦାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତିରେ ନିୟୋଜିତ ଥିଲେ। ଦୁର୍ଘଟଣାର କିଛି ଘଣ୍ଟା ପରେ କର୍ତ୍ତୃପକ୍ଷ ଦୀପନଗର ଥାନା ଦାୟିତ୍ୱରେ ଥିବା ରାଜମଣିଙ୍କୁ ନିଲମ୍ବିତ କରିଥିଲେ। ବିହାର ସରକାର ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇ ମୁଖ୍ୟ ଶାସନ ସଚିବଙ୍କୁ ଆହତଙ୍କ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୬ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଦୁଃଖଦ ଘଟଣାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି। ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଏକ୍ସରେ ସମବେଦନା ଜଣାଇ ଦଳାଚକଟା ଅତ୍ୟନ୍ତ ହୃଦୟ ବିଦାରକ ବୋଲି କହିଛନ୍ତି।

# ୮୪୦୦୦ ହ୍ୱାଟ୍ସଆପ୍ ଆକାଉଣ୍ଟ ବନ୍ଦ

ନୂଆଦିଲ୍ଲୀ: ଗୃହ ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁସାରେ, ବର୍ଦ୍ଧିତ ଡିଜିଟାଲ୍ ଆରେଷ୍ଟ ଓ ନିବେଶ ଠକେଇ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ସାଇବର ଶାଖା ସାଇବର ଅପରାଧୀଙ୍କ ବିରୋଧରେ ଏକ ବଡ଼ ଧରଣର ଡିଜିଟାଲ୍ ଷ୍ଟ୍ରାଇକ୍ ଆରମ୍ଭ କରିଛି। ସୂତ୍ର ଅନୁସାରେ, ସାଇବର ଶାଖା ପକ୍ଷରୁ ୨୦୨୫ ଆରମ୍ଭରୁ ପ୍ରାୟ ୪୦୦୦ ସ୍କାଇପ୍ ଆଇଡି ଓ ୮୩,୮୬୭ ହ୍ୱାଟ୍ସଆପ୍ ଆକାଉଣ୍ଟକୁ ବନ୍ଦ କରାଯାଇଛି। ସେଗୁଡ଼ିକ ଠକେଇ ମାମଲାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହା ସହିତ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି) ମାଧ୍ୟମରେ ଚିହ୍ନଟ ହୋଇଥିବା ୮.୪୫ ଲକ୍ଷ ସିମ୍ କାର୍ଡ ଓ ୨.୩୯ ଲକ୍ଷ ମୋବାଇଲ୍ ଆଇଏମ୍‌ଇଆଇ ନମ୍ବରକୁ ଅବରୋଧ କରାଯାଇଛି। ଦୂରସଂଚାର ବିଭାଗ (ଡିଓଟି), ପୁଲିସ ବାହିନୀ ଓ ଦୂରସଂଚାର ସେବା ପ୍ରଦାନକାରୀଙ୍କ ସମନ୍ୱୟରେ କରାଯାଇଥିବା ଏହି ଅପରେସନ୍, ଠକମାନଙ୍କ ଦ୍ୱାରା ବ୍ୟବହୃତ ଡିଜିଟାଲ୍ ଭିତ୍ତିଭୂମିକୁ ଭାଙ୍ଗିବାରେ ସଫଳ ହୋଇଛି। ଅନ୍‌ଲାଇନ୍ ଠକେଇର ଇକୋସିଷ୍ଟମ୍‌କୁ ଭାଙ୍ଗିବା ପାଇଁ ମନ୍ତ୍ରଣାଳୟ ୮୨୭ଟି କ୍ଷତିକାରକ ମୋବାଇଲ୍ ଆପ୍ଲିକେସନ୍‌କୁ ବ୍ଲକ୍ କରିଛି ଏବଂ ୧.୧୧ ଲକ୍ଷରୁ ଅଧିକ ସନ୍ଦିଗ୍ଧ ଅନ୍‌ଲାଇନ୍ ବିଷୟବସ୍ତୁକୁ ହଟାଇବା କିମ୍ବା ବ୍ଲକ୍ କରିବା ପାଇଁ ସହଯୋଗ ପୋର୍ଟାଲ୍ ବ୍ୟବହାର କରିଛି।

## ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ

# ଆକ୍ରମଣାତ୍ମକ ରାଜନୀତି ନୁହେଁ, ଜନହିତକର କାର୍ଯ୍ୟ ପାଇଁ ପରିଚିତ ଥିଲେ : ରାଜନାଥ ସିଂହ



ଭୁବନେଶ୍ୱର: ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓଡ଼ିଶା ବିଜେପିର ଭୀଷ୍ମ ପିତାମହ ଥିଲେ । ସେ କେବଳ ଜଣେ ରାଜନେତା ନଥିଲେ, ବରଂ ଜଣେ ସ୍ପଷ୍ଟବାଦୀ, ସରଳ ଓ ନିରାଡ଼ମ୍ବର ବ୍ୟକ୍ତିତ୍ୱ ଥିଲେ । ଯାହା କହୁଥିଲେ, କରୁଥିଲେ, ମିଛ ପ୍ରତିଶ୍ରୁତି ଦେଉନଥିଲେ । ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ଚାଲୁଥିବାର ବିରଳ ମଣିଷ ଥିଲେ ବୋଲି କହିଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭୁବନେଶ୍ୱର ସ୍ଥିତ ଓ.ୟୁ.ଏ.ଟି. କ୍ୟାମ୍ପସରେ ଏକ ଭାବପୂର୍ଣ୍ଣ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଗରିମାମୟ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଓଡ଼ିଶା ବିଜେପିର ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ସଭାପତି ଶ୍ରୀ ସମୀର ମହାନ୍ତି ଉପସ୍ଥିତ ଥିଲେ । ଉତ୍ସବର ପ୍ରାରମ୍ଭରେ ସ୍ୱର୍ଗତ ପ୍ରଧାନଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଧାରିତ ସ୍ମୃତି ପୁସ୍ତକ 'ଡାକ୍ତର ବାବୁ'ର ଓଡ଼ିଆ ଏବଂ ହିନ୍ଦୀ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହା ସହିତ ତାଙ୍କ ଜୀବନଯାତ୍ରାକୁ ନେଇ ପ୍ରସ୍ତୁତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇ ସ୍ମୃତିଚାରଣ କରାଯାଇଥିଲା।

- ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ: ମୋହନ ଚରଣ ମାଝୀ
- ଆତ୍ମବିଶ୍ୱାସର ସହ କଠିନ ସ୍ଥିତିରେ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ଚାଲୁଥିଲେ : ମନମୋହନ ସାମଲ

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କୁ ସେବା, ତ୍ୟାଗ ଓ ନିଷ୍ଠାର ପ୍ରତୀକ ଭାବେ ଅଭିହିତ କରିଥିଲେ। ରାଜ୍ୟରେ ରାଜପଥର ସମ୍ପ୍ରସାରଣ ୧୬୦୦ କିମିରୁ ୩୨୦୦ କିମି ଏବଂ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ତାଙ୍କର ଅନନ୍ୟ କୃତି ବୋଲି ସେ ପ୍ରକାଶ କରିଥିଲେ । ସେ କହିଥିଲେ, ବିନମ୍ରତା ଓ ଆତ୍ମୀୟଭାବ ଥିଲା ଡାକ୍ତର ପ୍ରଧାନଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ଆକର୍ଷଣ । ଭାରତୀୟ ଜନତା ପାର୍ଟିର ନୀତି ଓ ଆଦର୍ଶ ପ୍ରତି ସେ ସମ୍ପୂର୍ଣ୍ଣ ସମର୍ପିତ ଥିଲେ ଏବଂ ଆଚରଣ ତଥା ଉଚ୍ଚାରଣରେ ଏହା ତାଙ୍କ ଠାରେ ସର୍ବଦା ପ୍ରତିଫଳିତ ହେଉଥିଲା। କେବଳ ଜଣେ ରାଜନେତା ନୁହେଁ, ଜଣେ ଉତ୍ତମ ମଣିଷ ଭାବେ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ତାଙ୍କର ନିଷ୍ଠା, କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ହିଁ ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ସଂଗଠନକୁ ମଜବୁତ୍ କରିବାରେ ମୁଖ୍ୟ ସୂତ୍ରଧର ସାଜିଥିଲା। ସେହିପରି ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଥିଲେ ଯେ, ଡାକ୍ତର ପ୍ରଧାନ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପାଇଁ ପ୍ରେରଣାର କେନ୍ଦ୍ର ଥିଲେ। ଅସୀମ ଧୈର୍ଯ୍ୟ ଏବଂ ଆତ୍ମବିଶ୍ୱାସର ସହ କଠିନ ସ୍ଥିତିରେ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ଚାଲିବାର କଳା ତାଙ୍କୁ ସ୍ୱତନ୍ତ୍ର କରିଥିଲା।

ଏହାବ୍ୟତୀତ ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ସଭାପତି ଶ୍ରୀ ସମୀର ମହାନ୍ତି ସ୍ୱର୍ଗତ ପ୍ରଧାନଙ୍କ ବ୍ୟକ୍ତିଗତ ଜୀବନର ସଂଘର୍ଷ, ଜୀବନୀ ଏବଂ ତାଙ୍କର ମାନବିକ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଡା.ପ୍ରଧାନ ଜଣେ କୁଶଳୀ ସଂଗଠନ ଶିଳ୍ପୀ ଥିଲେ । ବିଜେପି ପଞ୍ଚନିଷ୍ଠର ସାଧକ, ଅନ୍ତ୍ୟୋଦୟର ବାହକ ଥିଲେ । ଅପରପକ୍ଷରେ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଜୀବନ ଓ ଆଦର୍ଶ ଓଡ଼ିଶାର ଜନଜୀବନରେ ଏବଂ ବିଶେଷ କରି ରାଜନୈତିକ କ୍ଷେତ୍ରରେ ଏକ ଅଲିଭା ସ୍ମୃତି ହୋଇ ରହିବ ବୋଲି ଡାକ୍ତର ବାବୁ ପୁସ୍ତକର ଲେଖକ କାଳନ୍ଦୀ ସାମଲ ମତପ୍ରକାଶ କରିଥିଲେ ।

ଓଡ଼ିଶାର ବିଶିଷ୍ଟ ପ୍ରକାଶକ ଗଙ୍ଗାଧର ତ୍ରିପାଠୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକଙ୍କ ଦ୍ୱାରା ଡାକ୍ତର ବାବୁର ଓଡ଼ିଆ ସଂସ୍କରଣ ପ୍ରକାଶିତ ହୋଇଛି । ଏହି କାର୍ଯ୍ୟକ୍ରମରେ ତାଙ୍କର ସୁପୁତ୍ର ତଥା ପ୍ରକାଶକ ବିଭୂ ପ୍ରସାଦ ତ୍ରିପାଠୀ, 'ଡାକ୍ତର ବାବୁ' ହିନ୍ଦୀ ପୁସ୍ତକର ଅନୁବାଦକ ଡକ୍ଟର ସମନ୍ୱୟ ନନ୍ଦ, ପ୍ରଭାତ ପ୍ରକାଶନ, ନୂଆଦିଲ୍ଲୀର ପ୍ରକାଶକ ପ୍ରଭାତ କୁମାର ପ୍ରମୁଖ ଏହି ସ୍ମୃତିସଭାରେ ଯୋଗଦେଇଥିଲେ ।

# କିଟ୍ ଜାତୀୟ ସେବା ଯୋଜନାର ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର 'ମିଶନ୍ ଆରୋଗ୍ୟମ'




ପୁରୀ: ଗତ ୧୫ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଡିପାର୍ଟମେଣ୍ଟର ଜାତୀୟ ସେବା ଯୋଜନାର ପ୍ରୋଜେକ୍ଟ ଲକ୍ଷ୍ୟ ତାହାର ଅପନୀତ ଗ୍ରାମ ଇଞ୍ଜଣାରେ "ମିଶନ୍ ଆରୋଗ୍ୟମ" ନାମକ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସଫଳତାର ସହିତ ଆୟୋଜନ କରିଥିଲା।

ପ୍ରୋଜେକ୍ଟ ଲକ୍ଷ୍ୟର ପ୍ରେରଣାଦାୟକ ମନ୍ତ୍ର "ପ୍ରେମ, ବିକାଶ ଓ ସେବା"କୁ ଆଧାର କରି ସେବାମୂଳକ ଭାବନାରେ ପ୍ରେରିତ ସ୍ୱୟଂସେବକମାନେ ବହୁତ ଉତ୍ସାହ ଓ ନିଷ୍ଠାର ସହ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ) ଭୁବନେଶ୍ୱର ର ଡାକ୍ତର, ନର୍ସ ଏବଂ ଚିକିତ୍ସାକର୍ମୀଙ୍କ ସହଯୋଗରେ ଆୟୋଜିତ ହୋଇଥିଲା, ଯେଉଁମାନେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଚିକିତ୍ସା ପ୍ରଦାନ କରିଥିଲେ।

ଏହି ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ନେଇଥିଲେ। ଡାକ୍ତରମାନେ ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଏକ ସୁସ୍ଥ ଜୀବନଶୈଳୀ ଅବଲମ୍ବନ ସମ୍ପର୍କରେ ଜାଗୃତ କରିଥିଲେ। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର (କାର୍ଯ୍ୟକ୍ରମ ଅଧିକାରୀ, ଜାତୀୟ ସେବା ଯୋଜନା, ଇଲେକ୍ଟ୍ରୋନିକ୍ସ ଡିପାର୍ଟମେଣ୍ଟ, କିଟ୍ ବିଶ୍ୱବିଦ୍ୟାଳୟ), ଡ଼ଃ ସୁଭ୍ରକାନ୍ତ ବେହେରା (କାର୍ଯ୍ୟକ୍ରମ ଅଧିକାରୀ, ଜାତୀୟ ସେବା ଯୋଜନା, ଇଲେକ୍ଟ୍ରୋନିକ୍ସ ଡିପାର୍ଟମେଣ୍ଟ, କିଟ୍ ବିଶ୍ୱବିଦ୍ୟାଳୟ) , ଡ଼ଃ ସ୍ମୃତି ରଞ୍ଜନ ଦାଶ (କିଟ୍ ଏନ୍‌ଏସ୍‌ଏସ୍ ସଂଯୋଗ ଅଧିକାରୀ) ଏବଂ ଶ୍ରୀ ପ୍ରକାଶ ସାହୁ, ଯେଉଁମାନଙ୍କ ସହ ଜାତୀୟ ସେବା ଯୋଜନା ପ୍ରୋଜେକ୍ଟ ଲକ୍ଷ୍ୟ ର ସ୍ୱୟଂସେବକମାନେ ସମନ୍ୱୟ କରିଥିଲେ।



# ଅଶୋକ ପଣ୍ଡା 'ସେଲ୍'ର ପରବର୍ତ୍ତୀ ଅଧ୍ୟକ୍ଷ

ରାଉରକେଲା: ଦେଶର ପ୍ରମୁଖ ଇସ୍ପାତ ଉତ୍ପାଦକ ସଂସ୍ଥା ଭାରତୀୟ ଇସ୍ପାତ ପ୍ରାଧିକରଣ (ସେଲ୍)ର ପରବର୍ତ୍ତୀ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ହେବେ ଡକ୍ଟର ଅଶୋକ କୁମାର ପଣ୍ଡା। ଏହି ପଦ ପାଇଁ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସିଲେକ୍ସନ୍ ବୋର୍ଡ (ପିଇଏସ୍‌ବି) ଆଜି ଶ୍ରୀ ପଣ୍ଡାଙ୍କ ନାଁ ସୁପାରିସ କରିଛି। ଶ୍ରୀ ପଣ୍ଡା ବର୍ତ୍ତମାନ 'ସେଲ୍'ର ନିର୍ଦ୍ଦେଶକ (ବାଣିଜ୍ୟିକ) ଅତିରିକ୍ତ ଦାୟିତ୍ୱ ସହ ନିର୍ଦ୍ଦେଶକ (ଅର୍ଥ) ଭାବେ କାର୍ଯ୍ୟରତ ଅଛନ୍ତି।ଆଜି ପିଇଏସ୍‌ବି ପକ୍ଷରୁ ଆୟୋଜିତ ଏକ ଉଚ୍ଚସ୍ତରୀୟ ସାକ୍ଷାତକାରରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସମେତ ଦେଶର ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାର ୧୦ ଜଣ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ। କ୍ୟାବିନେଟ୍ ନିଯୁକ୍ତି କମିଟିର ଚୂଡ଼ାନ୍ତ ଅନୁମୋଦନ ପରେ ଶ୍ରୀ ପଣ୍ଡା ଏହି ପଦବିରେ ୨୦୨୯ ଡିସେମ୍ବର ୩୧ ପର୍ଯ୍ୟନ୍ତ ରହିବେ। ବର୍ତ୍ତମାନର ସିଏମ୍‌ଡି ଅମରେନ୍ଦୁ ପ୍ରକାଶ ବ୍ୟକ୍ତିଗତ କାରଣରୁ ସ୍ୱେଚ୍ଛାକୃତ ଅବସର ନେବେ। ଡ. ପଣ୍ଡା ଗତ ତିନି ଦଶନ୍ଧି ଧରି 'ସେଲ୍'ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି।



ସେ ୧୯୯୨ରେ ଆର୍‌ଏସ୍‌ପିରେ ଯୋଗ ଦେଇଥିଲେ। ପରେ ମହାପ୍ରବନ୍ଧକ, ଭିଲାଇ ଇସ୍ପାତ କାରଖାନାରେ ଇଡି, 'ସେଲ୍'ର ଅର୍ଥ ନିର୍ଦ୍ଦେଶକ ଆଦି ଦାୟିତ୍ୱ ତୁଲାଇଛନ୍ତି। ବ୍ରହ୍ମପୁରର ମୂଳ ବାସିନ୍ଦା ଡ. ପଣ୍ଡା ଖଲ୍ଲିକୋଟ ମହାବିଦ୍ୟାଳୟରୁ ଆଇଏସ୍‌ସି, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ପୂର୍ବରୁ ୟୁସିଇ ବୁର୍ଲା)ରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ସ୍ନାତକ, ଏକ୍ସଆଇଏମ୍ ଭୁବନେଶ୍ୱରରୁ ପିଜିଡିଏମ୍ (ଫାଇନାନ୍ସ) ଏବଂ ବ୍ୟବସାୟ ପ୍ରଶାସନରେ ପିଏଚ୍‌ଡି ଡିଗ୍ରି ହାସଲ କରିଛନ୍ତି।

ପୂର୍ତ୍ତ ବିଭାଗ ଆଗାମୀ ୫ ବର୍ଷ ମଧ୍ୟରେ ୧୫,୦୦୦ କିଲୋମିଟର ବିଶ୍ୱସ୍ତରୀୟ ରାସ୍ତା ନେଟଓ୍ୱାର୍କ ଉନ୍ନୟନ ଓ ନିର୍ମାଣ ପାଇଁ ପରିକଳ୍ପନା କରିଛି।

# ଶିକ୍ଷା ବ୍ୟବସ୍ଥା ସ୍ୱଦେଶୀ ଅଭିମୁଖୀ ହେବା ଦରକାର: ଧର୍ମେନ୍ଦ୍ର ପ୍ରଧାନ

ମହୀଶୂର: ଆମ ଶିକ୍ଷା ବ୍ୟବସ୍ଥା ଅଧିକ ସ୍ୱଦେଶୀ ଅଭିମୁଖୀ ହେବା ଆବଶ୍ୟକ । ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଜଣେ ସାମଗ୍ରିକ ମାନବର ନିର୍ମାଣ କରିବା, ଯିଏ ନିଜର ସାଂସ୍କୃତିକ ମୂଲ୍ୟବୋଧ ସହ ଯୋଡ଼ି ହୋଇ ରହିବ ଏବଂ ରାଷ୍ଟ୍ର ପ୍ରତି ନିଜର ଉତ୍ତରଦାୟିତ୍ୱ ନିର୍ବାହ କରିବ ବୋଲି ଆଜି କର୍ଣ୍ଣାଟକର ମହୀଶୂର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।




ଏହି ଗସ୍ତକାଳରେ ମନ୍ତ୍ରୀ ଶ୍ରୀ ପ୍ରଧାନ କର୍ଣ୍ଣାଟକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିସରରେ 'ପ୍ରଜ୍ଞା ପ୍ରବାହ' ଏବଂ 'ଏସପିଏମଆର ଫାଉଣ୍ଡେସନ' ଦ୍ୱାରା ଆୟୋଜିତ 'ଏକାତ୍ମ ମାନବ ଦର୍ଶନ' ଶୀର୍ଷକ ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ ଭାରତୀୟ ଜ୍ଞାନ ପରମ୍ପରା ଏବଂ ଶ୍ରଦ୍ଧେୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିଚାରଧାରା ଉପରେ ଆଲୋକପାତ କରିଥିଲେ। ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ 'ଏକାତ୍ମ ମାନବବାଦ' କେବଳ ଏକ ବିଚାର ନୁହେଁ, ବରଂ ଏହା ଆମ ରାଷ୍ଟ୍ର ଜୀବନର ଏକ ସ୍ଥାୟୀ ଦର୍ଶନ। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତିର ପ୍ରଭାବଶାଳୀ ରୂପାୟନ ମାଧ୍ୟମରେ ଭାରତର ଉଚ୍ଚଶିକ୍ଷା କ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ସହ ବିଦେଶରେ ଭାରତୀୟ କ୍ୟାମ୍ପସ ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଶିକ୍ଷା ମନ୍ତ୍ରୀ ତାଙ୍କ ଗସ୍ତ କାଳରେ ଜଗଦଗୁରୁ ଶ୍ରୀ ଶିବରାତ୍ରୀ ଦେଶିକେନ୍ଦ୍ର ମହାସ୍ୱାମୀଜୀଙ୍କୁ ସାକ୍ଷାତ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଗ୍ରାମୀଣ ବିକାଶ ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରସାର କ୍ଷେତ୍ରରେ ମହାସ୍ୱାମୀଜୀଙ୍କ ଅବଦାନକୁ ସେ ରାଷ୍ଟ୍ର ନିର୍ମାଣର ଏକ ପ୍ରେରଣାଦାୟୀ ଦିଗ ବୋଲି ବର୍ଣ୍ଣନା କରିଛନ୍ତି ।




# ଜାତୀୟ ପାରା ଦୌଡ଼କୁଦ ଉଦ୍‌ଯାପିତ



ଭୁବନେଶ୍ୱର: କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ୨୪ତମ ଜାତୀୟ ପାରା ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ପଦକ ସଂଖ୍ୟା ୧୭ (୫ ସ୍ୱର୍ଣ୍ଣ, ୯ ରୌପ୍ୟ, ୩ କାଂସ୍ୟ)ରେ ରେ ଶେଷ ହୋଇଛି। ଦଳଗତ ଭାବେ ଓଡ଼ିଶା ନବମ ସ୍ଥାନ ଅଧିକାର କରିଛି। ହରିୟାଣା ୩୯ ସ୍ୱର୍ଣ୍ଣ, ୩୧ ରୌପ୍ୟ ଓ ୨୫ କାଂସ୍ୟ ସହ ମୋଟ ୯୫ ପଦକ ଜିତି ବିଜେତା ଟ୍ରଫି ହାତେଇଛି। ତାମିଲନାଡୁ ୫୧ (୧୪ ସ୍ୱର୍ଣ୍ଣ, ୨୦ ରୌପ୍ୟ, ୧୭ କାଂସ୍ୟ) ପଦକ ସହ ଉପବିଜେତା ହୋଇଥିଲା ବେଳେ ଗୁଜରାଟ ୩୦ (୧୪ ସ୍ୱର୍ଣ୍ଣ, ୧୧ ରୌପ୍ୟ, ୫ କାଂସ୍ୟ) ପଦକ ସହ ତୃତୀୟ ସ୍ଥାନ ଅଧିକାର କରିଛି।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାକୁ ମିଳିଥିବା ଏକମାତ୍ର ସ୍ୱର୍ଣ୍ଣ ପଦକ ସୁଚିତ୍ରା ପରିଡ଼ା ଜିତିଥିଲେ। ମହିଳା ଏଫ୍ ୫୬ ଜାଭଲିନ୍‌ରେ ସେ ୧୭.୮୦ ମିଟର ଜାଭ୍‌ଲିନ୍ ଫିଙ୍ଗି ଏହି ସଫଳତା ପାଇଥିଲେ। ପୁରୁଷର ଲଙ୍ଗ୍ ଜମ୍ପ୍ ଟି-୪୭ରେ ସ୍ୱାଧୀନ ମାହାର (୬.୬୨ ମିଟର), ୨୦୦ ମିଟର ଟି-୩୭ ଦୌଡ଼ର ସ୍ୱସ୍ତିକ ସାହୁ (୨୫.୨୫ ସେକେଣ୍ଡ) ଓ ୫୦୦୦ ମିଟର ଟି-୧୧ ଦୌଡ଼ରେ ଯଦୁନାଥ ମାଝୀ (୧୭ ମିନିଟ୍ ୫୯:୦୬ ସେକେଣ୍ଡ) ରୌପ୍ୟ ଜିତିଥିଲେ। ସେହିଭଳି ମହିଳାର ଟି-୧୧ ଲଙ୍ଗ୍ ଜମ୍ପ୍‌ରେ ୪.୭୩ ମିଟର ଡେଇଁ ଏବଂ ୨୦୦ ମିଟର ଦୌଡ଼କୁ ୨୮.୪୩ ସେକେଣ୍ଡରେ ଶେଷ କରି ଜାନକୀ ଓରାମ ଗୋଟିଏ ଲେଖାଏଁ ରୌପ୍ୟ ଜିତି ଯୁଗଳ ସଫଳତା ପାଇଥିଲେ। ୨୦୦ ମିଟର ଟି-୪୭ ମହିଳାରେ ଜୟନ୍ତୀ ବେହେରା (୨୭.୯୫ ସେକେଣ୍ଡ) ରୌପ୍ୟ ପାଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ମହିଳା ଜାଭ୍‌ଲିନ୍ ଏଫ୍ ୫୬ ଓ ୨୦୦ ମିଟର ଟି-୪୭ ପଦକ ବିଜେତାଙ୍କୁ ପଦକ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଗାମୀ ସମୟରେ ସମସ୍ତ ଖେଳରେ ନିଜ ପରିଶ୍ରମ ଅବ୍ୟାହତ ରଖିବାପାଇଁ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ହାର୍ ଜିତ୍ ତ ସବୁ ଖେଳାଳିଙ୍କ ଜୀବନରେ ଆସିଥାଏ, କିନ୍ତୁ ପ୍ରକୃତ ଜୀବନର ସଂଘର୍ଷକୁ ଜିତିଯାଇଥିବା ବିଜେତା ହେଉଛନ୍ତି ଆପଣମାନେ। କାରଣ ଆପଣମାନେ ନିଜର ଦୁର୍ବଳତାକୁ ନିଜ ଶକ୍ତି କରିଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ଆଥଲେଟ୍‌ଙ୍କୁ ଆଗାମୀ ଏସିଆନ ପାରା କ୍ରୀଡ଼ାରେ ଦେଶ ପାଇଁ ଗୌରବ ଆଣିବାକୁ କହିଥିଲେ ଏବଂ ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ଭାଗନେଇଥିବା ୪୦ ଆଥ୍‌ଲେଟଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅଭିନନ୍ଦନ ଜଣାଇଥିଲେ।

ବିଶ୍ୱର କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିପାରିଛି। ଆମକୁ ଆଉ ଏକ ସୁନ୍ଦର ସୁଯୋଗ ମିଳିଛି କାରଣ ବିଶ୍ୱ ଇନ୍‌ଡୋର ଦୌଡ଼କୁଦ ପ୍ରତିଯୋଗିତା ୨୦୨୮ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଓଡ଼ିଶାରେ କ୍ରୀଡାର ଉନ୍ନତି ପାଇଁ ଭିତ୍ତିଭୂମି ବିକାଶ, କ୍ରୀଡ଼ା ପ୍ରତିଭା ଚିହ୍ନଟ, ପ୍ରଶିକ୍ଷଣ ଏବଂ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ପାଇଁ ଆମର ଉଦ୍ୟମ ଜାରି ରହିବ। ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣାରେ ଆମେ ବିଶ୍ୱ ସ୍ତରୀୟ ଏବଂ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ କରିବାକୁ ଯାଉଛୁ। ଏହି କମ୍ପ୍ଲେକ୍ସଟି ୧୨୦ ଏକକ ଯାଗାରେ ହେବ ଏବଂ ଆମ ସରକାର ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା କରିଛନ୍ତି। ଭାରତ ତଥା ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ସବୁ ସମୟରେ ସହଯୋଗ ଓ ସହାୟତା ଦେଇଆସିଛନ୍ତି ସେଥିପାଇଁ ଅନେକ ଅନେକ ଧନ୍ୟବାଦ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ସଚିବ ସଚିନ ଆର୍ ଯାଦବ, ଭାରତୀୟ ପାରାଲିମ୍ପିକ କମିଟି ସମ୍ପାଦକ ଜୟବନ୍ତ ଜିଏଚ୍, ଅଧ୍ୟକ୍ଷ ସତ୍ୟନାରାୟଣ, ଉପସଭାପତି ସତ୍ୟପ୍ରକାଶ ସାଙ୍ଗୱାନ, ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ ପ୍ରମୁଖ ଅତିଥି ଭାବେ ମାଞ୍ଚାସୀନ ଥିଲେ। ସୂଚନା ଯୋଗ୍ୟ ଏହି ୩ ଦିନିଆ ପ୍ରତିଯୋଗିତାରେ ୨୮ ରାଜ୍ୟର ୧୪୬୦ ଜଣ ପାରା-ଆଥଲେଟ୍ ଭାଗ ନେଇଥିଲେ।



ନୂଆଦିଲ୍ଲୀ ସ୍ଥିତ ସାଂସଦ ଙ୍କ ବାସଭବନ ସାଂସଦ ଡାକ୍ତର ସମ୍ବିତ ପାତ୍ର ଓ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଏବଂ ସମ୍ପାଦକ ରାଜେଶ କୁମାର ମହାନ୍ତି ଦ୍ୱାରା ୨୪ ତମ ଜାତୀୟ ଲୋକମେଳା ୨୦୨୬ ଓ ୧୭ ତମ ଜାତୀୟ କୃଷିମେଳା ୨୦୨୬ ର ଅଫିସିଆଲ୍ ବ୍ରୋଚର୍ ଉନ୍ମୋଚିତ କରାଯାଇଛି । ଆସନ୍ତା ଜୁନ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ପୁରୀ ଗୋଲଡେନ-ସି-ବିଚ ଠାରେ ହେବାକୁ ଥିବା ଏହି ଦୁଇଗୋଟି ଜାତୀୟ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ସାଂସଦ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।

# ଫିଟ ଇଣ୍ଡିଆ କାର୍ନିଭାଲ ଉଦଯାପିତ

ପୁରୀ: ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖ ସି ବିଚଠାରେ ତିନିଦିନିଆ ଫିଟ ଇଣ୍ଡିଆ କାର୍ନିଭାଲ ଉଦଯାପିତ ହୋଇଯାଇଛି। ଭାରତୀୟ କ୍ରୀଡା ପ୍ରାଧିକରଣ, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିବା ଏହି ଉଦଯାପନୀ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଯୋଗ ଦେଇଥିଲେ। ଆମେ ସୁସ୍ଥ ରହିଲେ ରାଜ୍ୟ ଓ ଦେଶ ସୁସ୍ଥ ରହିବ। ଦେଶ ସୁସ୍ଥ ରହିଲେ ସମୃଦ୍ଧି ସହଜ ହୋଇ ପାରିବ ବୋଲି ଜିଲ୍ଲାପାଳ କହିଥିଲେ। ବର୍ତ୍ତମାନ ଛୋଟରୁ ବଡ ପର୍ଯ୍ୟନ୍ତ ସମସ୍ତେ ବିବିଧ ଚାପରେ ରହୁଥିବାରୁ ମାନସିକ ଶାରୀରିକ ଭାବେ ପ୍ରଭାବିତ ହେଉଛନ୍ତି। ଏହାକୁ ପରିଚାଳନା ପାଇଁ ସୁସ୍ଥ ରହିବା ଓ ସ୍ୱାସ୍ଥ୍ୟ ସଚେତନ ହେବା ଜରୁରୀ। ଫିଟ ଇଣ୍ଡିଆ କାର୍ନିଭାଲ ଯୋଗ, କ୍ରୀଡା, ମନୋରଞ୍ଜନ ଇତ୍ୟାଦି ବିବିଧ କ୍ଷେତ୍ରରେ ଆମକୁ ଆଗେଇ ନେଇଥାଏ। ଏହାକୁ ନିତ୍ୟ ବ୍ୟବହାର କରିବାକୁ ଜିଲ୍ଲାପାଳ ଶ୍ରୀ ପରିଡା ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଲମ୍ପିଆନ ଆଥଲେଟ ଦୂତୀ ଚାନ୍ଦ,ଯୁବ ଅଭିନେତା ଶୁଭମ ନାୟକ,ସାଇର ସହଯୋଗୀ ପାର୍ଟନର ତଥା ସିଇଓ ସୁଜିତ ପାଣିଗ୍ରାହୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଉପସ୍ଥିତ ଥିଲେ। ସାଇ ବା ଭାରତୀୟ କ୍ରୀଡା ପ୍ରାଧିକରଣ ର ସହକାରୀ ନିର୍ଦ୍ଦେଶକ କରଣ ସଦୱାନୀ, ଉପ ନିର୍ଦ୍ଦେଶକ ତୈଲୋକ୍ୟ ନାଥ ସାହୁ ପ୍ରମୁଖ ଯୋଗ ଦେଇ ଫିଟ ଇଣ୍ଡିଆର ତିନି ଦିନିଆ କାର୍ଯ୍ୟକ୍ରମ ଏକ ସୁନ୍ଦର ଓ ସଫଳ ପଦକ୍ଷେପ ବୋଲି କହିଥିଲେ।ଏହାର ସୁଫଳ ଲୋକମାନେ ନିଶ୍ଚିତ ପାଇବେ ଓ ସୁସ୍ଥ ରହିବେ ବୋଲି ସେମାନେ ଆଶା ତିନି ଦିନିଆ କାର୍ଯ୍ୟକ୍ରମ ରେ ପ୍ରତ୍ୟେକ ଦିନ ଯୋଗ, ଜୁମ୍ବା,ବିଚ ଭଲି,ବିଚ କ୍ରିକେଟ, କବାଡି,କୁସ୍ତି, ମାଲଖମ୍ବ,ପାଇକ ଆଖଡା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସଂଧ୍ୟାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।






# ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ପଦଯାତ୍ରା




ପୁରୀ: ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଏକ ପଦଯାତ୍ରା ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରୁ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପଦଯାତ୍ରାକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପତାକା ଦେଖାଇ ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ସେଠୀ ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଆଦର୍ଶ, ଚରିତ୍ର ଓ ସାହସ ଚିର ବନ୍ଦନୀୟ ବୋଲି କହିଥିଲେ। ଦେଶକୁ ସ୍ୱାଧୀନତା କରିବା ସହ ରାଜାରାଜୁଡା ଓ ଜମିଦାରଙ୍କୁ ବୁଝାଇ ସେହି ରାଜ୍ୟ ଗୁଡିକୁ ଦେଶରେ ସାମିଲ କରି ଏକ ଦୃଢ, ସାର୍ବଭୌମ ରାଷ୍ଟ୍ର ଗଠନରେ ସର୍ଦ୍ଦାରଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ତାଙ୍କ ଆଦର୍ଶକୁ ଅନୁସରଣ କରି ପାରିଲେ ଆମ ରାଷ୍ଟ୍ର ସମୃଦ୍ଧ ଓ ବିକଶିତ ହୋଇ ପାରିବ ବୋଲି ଶ୍ରୀ ସେଠୀ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଖୋଖୋ ଖେଳର ଜାତୀୟ କୋଚ ସଞ୍ଜୀବ ଶର୍ମା,କୋଚ ପାର୍ଥ ସାରଥୀ ମହାପାତ୍ର ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡା ଶିକ୍ଷକ, ଛାତ୍ର ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

# ଡ୍ରପ୍ ରୋବଲ୍ ଓଡ଼ିଶା ଖେଳାଳିଙ୍କ ନୂଆଦିଲ୍ଲୀ ଗସ୍ତ

ପୁରୀ: ଉତ୍ତରପ୍ରଦେଶର ଏଚ୍‌ଆର୍ ୟୁନିଭର୍ସିଟିରେ ଆୟୋଜିତ ହେବାକୁ ଯାଉଥିବା ଡ୍ରପ୍ ରୋ-ବଲ୍ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ନୂଆଦିଲ୍ଲୀ ଗସ୍ତ କରିଛି। ଆସନ୍ତା ଏପ୍ରିଲ ୨ରୁ ୫ ତାରିଖ ପର୍ଯ୍ୟନ୍ତ ଅନ୍ତଃରାଜ୍ୟ ଡ୍ରପ ରୋ-ବଲ୍ ଚାମ୍ପିୟନସିପ୍‌ରେ ଭାଗନେଇ ପ୍ରତିଭା ପ୍ରଦର୍ଶନ କରିବେ। ଶୁଭମ ସ୍ୱାଇଁ, ଅନନ୍ୟା ସ୍ୱାଇଁ, ଆଦ୍ୟାଶା ମହାନ୍ତି, ପାୟଲ ପ୍ରିୟଦର୍ଶିନୀ, ସୌମ୍ୟରଞ୍ଜନ ନାୟକ, ପାୟଲ ମହାନ୍ତି, ସୁମିତ୍ରା ରାଉତ, ସୌମ୍ୟ ରଞ୍ଜନ ନାୟକ, ସୁମିତ୍ରା ରାଉତ, ସୌମ୍ୟରଞ୍ଜନ ସ୍ୱାଇଁ, ବିନୋଦିନୀ ଦୀକ୍ଷିତ, ରଶ୍ମିରଞ୍ଜନ ପରିଡ଼ା, ଶିବାନୀ ସାହୁ, ସସ୍ମିତା ସାହୁ ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି। ପୁରୁଷୋତ୍ତମ ଏକ୍ସପ୍ରେସେ ଯୋଗେ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି। ସାଇକେଲ ପୋଲ୍ ଓ ଇଣ୍ଡୋ ଆମେଚର ଗୋ'ର ରାଜ୍ୟ ସଭାପତି ବିନୟ ନୃସିଂହ ମହାପାତ୍ର, ରାଜ୍ୟ ସମ୍ପାଦକ ରାଜକିଶୋର ମହାନ୍ତି, ଓଡିଶା ଡ୍ରପ ରୋ-ବଲ୍ ଆସୋସିଏସନ୍‌ର ରାଜ୍ୟ ଉପସଭାପତି ପ୍ରଦୀପ୍ତ କୁମାର ମିଶ୍ର, ସମ୍ପାଦକ ପ୍ରଦୀପ କୁମାର ସାହୁ, ଅମର ଆନନ୍ଦ ପଟ୍ଟନାୟକ, ସଦସ୍ୟା ସବିତା ସାହୁ, ବିଜୟ ଲକ୍ଷ୍ମୀ ଦାସ ପ୍ରମୁଖ ରେଳଷ୍ଟେସନରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।




# ଫିଫା ମାନ୍ୟତାରେ ୫ ସ୍ଥାନ ଉଠିଲା ଭାରତ

ନୂଆଦିଲ୍ଲୀ: ଭାରତୀୟ ପୁରୁଷ ଫୁଟ୍‌ବଲ୍ ଦଳ ମଙ୍ଗଳବାର ଏଏଫ୍‌ସି ଏସୀୟ କପ୍ ୨୦୨୭ ଯୋଗ୍ୟତା ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ହଂକଂକୁ ପରାସ୍ତ କରିଥିଲା। ଏହି ବିଜୟ ଭାରତକୁ ଫିଫା ମାନ୍ୟତାର ୫ଟି ସ୍ଥାନ ଉପରକୁ ଉଠାଇ ଦେଇଛି। ପୂର୍ବରୁ ୧୪୧ତମ ସ୍ଥାନରେ ଥିବା ଭାରତ ବୁଧବାର ପ୍ରକାଶିତ ବିଶ୍ୱ ମାନ୍ୟତାରେ ୧୩୬ତମ ସ୍ଥାନରେ ପହଞ୍ଚିଛି। ଏଥିସହ ଏସିଆ ମହାଦେଶରେ ମିୟାମାର ଓ ଲାଓସ୍ ସହ ଯୁଗ୍ମ ଭାବେ ତୃତୀୟ ସ୍ଥାନରେ ରହିଛି। ଏସୀୟ ଯୋଗ୍ୟତା ପର୍ଯ୍ୟାୟରେ ଭାରତ (୫ ପଏଣ୍ଟ୍) ନିଜ ଗ୍ରୁପ୍‌ରେ ଚତୁର୍ଥ ସ୍ଥାନରେ ରହିଥିଲା। ଏହା ଆଗରେ ବାଂଲାଦେଶ ସମାନ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନରେ ଆଗରେ ରହି ତୃତୀୟ ଏବଂ ହଂକଂ (୮ ପଏଣ୍ଟ୍) ଦ୍ୱିତୀୟ ସ୍ଥାନରେ ରହିଥିଲା। ସିଙ୍ଗାପୁର (୧୪ ପଏଣ୍ଟ୍) ଶୀର୍ଷରେ ରହି ଏସୀୟ କପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା।



ପୁରୀ ସ୍ଥିତ ଭୂଦାନ ଖେଳ ପଡ଼ିଆରେ ଅନୁଷ୍ଠିତ ଶ୍ରୀକ୍ଷେତ୍ର କପ୍-୨୦୨୬ କ୍ରିକେଟ ଟୋର୍ଣ୍ଣାମେଣ୍ଟରେ ଅତିଥି ଭାବେ ଯୋଗ ଦେଲେ ରାଜ୍ୟସଭା ସାଂସଦ ଶୁବାସିଷ ଖୁଣ୍ଟିଆ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଓ ରବୀନ୍ଦ୍ର ପ୍ରତିହାରୀ






Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty